ବର୍ଷ-୨୪, ସଂଖ୍ୟା-୩୧୭
ଭୁବନେଶ୍ୱର
୨୨ ଡିସେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 317
Bhubaneswar
22 December, 2024 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ଭାରତ ହେବ ବିଶ୍ୱ ବିକାଶର କେନ୍ଦ୍ର

## କୁଏତରେ 'ହାଲା ମୋଦି' କାର୍ଯ୍ୟକ୍ରମ

**କୁଏତ,୨୧।୧୨ :** କୁଏତରେ ପ୍ରବାସୀ ଭାରତୀୟଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୁଏତରେ 'ହାଲା ମୋଦି' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିମନ୍ତ୍ରଣ କରିଛନ୍ତି। କୁଏତରେ 'ହାଲା' ଅର୍ଥ ହେଉଛି ସ୍ୱାଗତ। ଭୁବନେଶ୍ୱରରେ ଆସନ୍ତା ମାସରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ସାମିଲ ହେବା ସହି କୁଏତୀ ବନ୍ଧୁଙ୍କୁ ମଧ ସାଥୀରେ ଆଣିବାକୁ ସେମାନଙ୍କୁ ସେ କହିଛନ୍ତି। 'ହାଲା ମୋଦି' କାର୍ଯ୍ୟକ୍ରମରେ ହଜାର ହଜାର ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ବିକଶିତ ଭାରତର ଯାତ୍ରା ପ୍ରବାସୀ ଭାରତୀୟଙ୍କ ଭାଗିଦାରୀ ବିନା ଅସମ୍ଭବ। ମୁଁ ଆପଣଙ୍କ ସମସ୍ତଙ୍କୁ ବିକଶିତ ଭାରତର ସଂକଳ୍ପ ସହ ଯୋଡିହେବା ପାଇଁ ଆମନ୍ତ୍ରଣ କରୁଛି। ନୂଆବର୍ଷର ପ୍ରଥମ ମାସ ଅର୍ଥାତ ୨୦୨୫ ଜାନୁଆରୀ ଏଥର ଅନେକ ରାଷ୍ଟ୍ରୀୟ ଉତ୍ସବ ମାସ ହେବାକୁ ଯାଉଛି। ଜାନୁଆରୀ ୮ ତାରିଖରୁ ୧୦ ତାରିଖ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ। ମୁଁ ଆପଣଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରୁଛି। ଏହି ଯାତ୍ରାରେ




ଆପଣ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ମଧ ନେଇପାରିବେ ବୋଲି କହିଛନ୍ତି ମୋଦି।

ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଖ୍ ସାଦ୍ ଅଲ୍ ଅବଦୁଲ୍ଲା ଇନଡୋର ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକତ୍ରିତ ଭାରତୀୟ ସମୁଦାୟଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆପଣମାନେ ଭାରତର ବିଭିନ୍ନ ରାଜ୍ୟରୁ ଆସିଛନ୍ତି। ହେଲେ ଏଠାରେ ଆପଣମାନଙ୍କୁ ଏକାଠି ଦେଖି ଏକ 'ମିନି ହିନ୍ଦୁସ୍ତାନ' ମୋ ଆଗରେ ଥିଲାଭଳି ମୋତେ ଅନୁଭବ ହେଉଛି।


ଏହି କାର୍ଯ୍ୟକ୍ରମରେ ଭାରତ ଓ କୁଏତ ମଧ୍ୟରେ ଥିବା ଗଭୀର ସମ୍ପର୍କର ଇତିହାସକୁ ବର୍ଣ୍ଣନା କରି ମୋଦି କହିଛନ୍ତି ଯେ ଊନବିଂଶ ଶତାବ୍ଦୀରେ ମଧ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ରହିଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି, ଭବିଷ୍ୟତର ଭାରତ ବିଶ୍ୱ ବିକାଶର କେନ୍ଦ୍ର ଓ ବିଶ୍ୱର ଅଭିବୃଦ୍ଧି ଇଞ୍ଜିନି ହେବ। ଗୁଜରାଟରେ ଆମର ବୟସ୍କ ବ୍ୟକ୍ତିମାନେ ଏବେ ବି କୁହନ୍ତି, କିପରି କୁଏତ ଲୋକମାନେ ଗୁଜରାଟୀ ଭାଷା ଶିଖୁଥିଲେ, ଏଥିରେ ବହି ଲେଖୁଥିଲେ ଏବଂ ସେମାନଙ୍କର ବିଶ୍ୱ ପ୍ରସିଦ୍ଧ ମୁକ୍ତା ଆମ ବଜାରରେ ବିକ୍ରି କରୁଥିଲେ। ଆମେ ସେମାନଙ୍କଠାରୁ ଆମଦାନୀ କରି ଘୋଡ଼ା ଓ ଅନ୍ୟାନ୍ୟ ସାମଗ୍ରୀ ମଧ ନେଇଛୁ। ଭାରତ ଓ କୁଏତ ମଧ୍ୟରେ ସମ୍ପର୍କ ବହୁ ପୁରାତନ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

୪୩ ବର୍ଷ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ କୁଏତ ଗସ୍ତ କରିଛନ୍ତି। ଏହାକୁ ମଧ ନିଜ ବକ୍ତବ୍ୟରେ କହିଥିଲେ ପ୍ରଧାନମନ୍ତ୍ରୀୟ ସେ କହିଥିଲେ ଯେ ମୋ ପାଇଁ ଆଜିର ଦିନ ବହୁତ ସ୍ୱତନ୍ତ୍ରୟ କାରଣ ଦୀର୍ଘ ୪୩ ବର୍ଷ ପରେ ଜଣେ ଭାରତର ପ୍ରଧାନମନ୍ତ୍ରୀ କୁଏତ ଆସିଛନ୍ତି। ଆପଣ ସମସ୍ତଙ୍କ ପାଇଁ ଭାରତ ଯିବାକୁ ୪ ଘଣ୍ଟା ସମୟ ଲାଗିଥାଏ, ହେଲେ ଆପଣଙ୍କ ପ୍ରଧାନମନ୍ତ୍ରୀଙ୍କୁ ଏଠାକୁ ଆସିବାକୁ ୪ ଦଶନ୍ଧୀରୁ ଅଧିକ ସମୟ ଲାଗିଗଲା। ସେ ଆହୁରି କହିଛନ୍ତି ଯେ ବ୍ୟବସାୟ ଓ ଉଦ୍ଭାବନ ଦ୍ୱାରା କୁଏତ ସମଗ୍ର ବିଶ୍ୱରେ ଏକ ଗତିଶୀଳ ଅର୍ଥନୀତି ହେବାକୁ ଚାହୁଁଛି। ଭାରତ ମଧ ଉଦ୍ଭାବନକୁ ଗୁରୁତ୍ୱ ଦେଇ ଏହାର ଅର୍ଥନୀତିକୁ ଶକ୍ତିଶାଳୀ କରୁଛି। ତେବେ 'ନୂଆ କୁଏତ' ଆବଶ୍ୟକ କରୁଥିବା ଦକ୍ଷତା, ଟେକ୍ନୋଲୋଜି, ଉଦ୍ଭାବନ ଏବଂ ମାନବ ସମ୍ବଳ ଭାରତ ପାଖରେ ଅଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଏଠାରେ କୋଭିଡ-୧୯ ସମୟରେ ଭାରତକୁ କୁଏତ ସରକାର ଦେଇଥିବା ସମର୍ଥନକୁ ମନେ ପକାଇଥିଲେ ପ୍ରଧାନମନ୍ତ୍ରୀ। ସେ କହିଥିଲେ, କୋଭିଡ ମହାମାରୀ ସମୟରେ କୁଏତ ଆମକୁ ଲିକ୍ୱିଡ ଅକ୍ସିଜେନ ଯୋଗାଇ ଦେଇଥିଲା। ଏଥିପାଇଁ ଆମେ କୃତଜ୍ଞ। ତେବେ ଏହି ୨ ଦିନିଆ କୁଏତ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି କୁଏତ କ୍ରାଉନ୍ ପ୍ରିନ୍ସ ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ମଧ ଆଲୋଚନା କରିବେ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ସଂସ୍କୃତି ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କର ସମୀକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶକୁ ଏକ ସୁଯୋଗ ପ୍ରଦାନ କରିବ।

## ଋଷିଆରେ ୟୁକ୍ରେନର ଡ୍ରୋନ ଆକ୍ରମଣ

# ଶିଶୁଙ୍କ ସମେତ ୬ ମୃତ

**ମସ୍କୋ,୨୧।୧୨:** ରୁଷିଆର କଜାନ ସହର ଉପରେ ୟୁକ୍ରେନ ଏକ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରିଛି। ଏହି ଆକ୍ରମଣ ଆମେରିକାର ୯/୧୧ ଷ୍ଟାଇଲ୍‌ରେ ହୋଇଛି। ଫଳରେ ଶିଶୁଙ୍କ ସମେତ ୬ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୦ରୁ ଅଧିକ ଗୁରୁତର ରହିଛନ୍ତି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଏହି ଡ୍ରୋନ୍ ଆକ୍ରମଣ ମସ୍କୋର ପ୍ରାୟ ୮୦୦ କିଲୋମିଟର ପୂର୍ବରେ ଅବସ୍ଥିତ କଜାନ ସହରର ଅନେକ ଆବାସିକ ଅଞ୍ଚଳକୁ ଟାର୍ଗେଟ କରିଛି। ସୋସିଆଲ ମିଡିଆରେ ଭିଡିଓଗୁଡ଼ିକ ଭାଇରାଲ ହେଉଛି। ଏଥିରେ ଏକ ଡ୍ରୋନ୍ ବଡ଼ ବିଲ୍ଡିଂରେ ମାଡ଼ ହେଉଥିବାର ଦେଖିବାକୁ ମିଳିଛି। ପରେ ଏକ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଏହି ଆକ୍ରମଣ ପରେ କଜାନ ବିମାନ ବନ୍ଦରକୁ ସାମୟିକ ଭାବେ ବନ୍ଦ



କରି ଦିଆଯାଇଛି। ଏହି ଆକ୍ରମଣ ସମୟରେ କମ୍ଲିଭ ଆଭିଏନ୍ସ, କ୍ଲାରା ଜେଟକିନ, ୟୁକୋଜିନସ୍କାୟା, ହାଡି ଟାକ୍ଟାସ, କ୍ରାସନାୟା ପୋଜିଟିଆ ଏବଂ ଓରେନବର୍ଗସ୍କି ଟ୍ରାକ୍ଟ ରାସ୍ତାରେ ଥିବା ବିଲ୍ଡିଂଗୁଡ଼ିକୁ ଟାର୍ଗେଟ କରାଯାଇଥିଲା ବୋଲି ଏପିଏ ସୂଚନା ଦେଇଛି। ଆଗାମୀ ଦୁଇ ଦିନ ପାଇଁ କଜାନ ସହରରେ ସମସ୍ତ ପ୍ରମୁଖ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଏପରି କରାଯାଇଛି। ରୁଷିଆର ଏହି ସହର ସବୁଠାରୁ ସୁରକ୍ଷିତ ସହର ଭାବରେ ପରିଗଣିତ ହୁଏ। ଏଠାରେ ନିକଟରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆକ୍ରମଣର ଗୋଟିଏ ଦିନ ପୂର୍ବରୁ ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଥିଲା, ୟୁକ୍ରେନ ଫିକ୍ସଡ୍ ୱିଙ୍ଗ ବ୍ୟବହାର କରି ରୁଷିଆରେ ଆତଙ୍କବାଦୀ ଆକ୍ରମଣକୁ ଖଣ୍ଡନ କରିଛି। ରୁଷିଆ କହିଛି, ବାୟୁସେନା ୧୯ଟି ୟୁକ୍ରେନ ଡ୍ରୋନ୍‌କୁ ଧ୍ୱଂସ କରିଦେଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏହି ବିବୃତ୍ତି ପରେ କଜାନ ସହର ଉପରେ ଆକ୍ରମଣ କରାଯାଇଛି।

# ପୁରୀରେ ସ୍କ୍ରବ ଟାଇଫସ

**ପୁରୀ,୨୧।୧୨ (ମହାଭାରତ):** ପୁରୀରେ ଏବେ ସ୍କ୍ରବ ଟାଇଫସ୍ ଦେଖା ଦେଇଛି। ପୁରୀ ସହରର ବିଭିନ୍ନ ବେସରକାରୀ ଡାକ୍ତରଖାନାରେ ୪ରୁ ଅଧିକ ସଂକ୍ରମିତ ଏବେ ଚିକିତ୍ସିତ ହେଉଛନ୍ତି। ସଂକ୍ରମଣ ଅଧିକ ହେଲେ ପ୍ରାଣଘାତୀ ହୋଇପାରେ। ଏଥିରେ ସାମାନ୍ୟ ଲକ୍ଷଣ ଦେଖା ଦେଉଥିବା ବ୍ୟକ୍ତି ଘରେ ଚିକିତ୍ସିତ ହୋଇ ଭଲ ହୋଇପାରନ୍ତି। ୨୦୨୩ ମସିହାରେ ବରଗଡ ଏବଂ ସମ୍ବଲପୁରରେ ସ୍କ୍ରବ ଟାଇଫସ୍ ସଂକ୍ରମଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଚଳିତ ବର୍ଷ ଶହେରୁ ଅଧିକ ଆକ୍ରାନ୍ତ ଚିକିତ୍ସିତ ହୋଇଥିବା ବେଳେ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ବରଗଡ ଜିଲ୍ଲାରେ ସର୍ବାଧିକ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସୋନପୁର, କଳାହାଣ୍ଡି, ବଲାଙ୍ଗୀର ଏବଂ ସମ୍ବଲପୁରରେ ଜଣେ ଲେଖାଏଁ ସଂକ୍ରମିତଙ୍କର ମୃତ୍ୟୁ ହୋଇଥିଲା। ୨୦୨୩ ମସିହାରେ ବରଗଡରେ ୮ ଜଣ ସ୍କ୍ରବ ଟାଇଫସ୍ ସଂକ୍ରମଣରେ ପ୍ରାଣ ହରାଇଥିଲେ। ଏହା ଏକ ବ୍ୟାକ୍ଟେରିଆ ବା ଜୀବାଣୁ ଜନିତ ସଂକ୍ରମଣ। ଏହା ହେଲେ ଥଣ୍ଡା ହେବାପରି ଲକ୍ଷଣ ଦେଖା ଦେଇଥାଏ। ଅଧିକ ସଂକ୍ରମଣ ହେଲେ ପ୍ରବଳ ମୁଣ୍ଡ ବିନ୍ଧା ସହ ଅନ୍ୟ ଲକ୍ଷଣ ଦେଖା ଯାଏ । ଚର୍ମରେ ନାଲି ଦାଗ ଦେଖା ଦେଇ ପାରେ। ଗର୍ଭବତୀ ସ୍ତ୍ରୀ ଲୋକ, ଛୋଟ ପିଲା ତଥା ମଧୁମେହ ଏବଂ ଅନ୍ୟ ରୋଗ ଥିବା ବ୍ୟକ୍ତିଙ୍କ ପାଇଁ ଏହି ସଂକ୍ରମଣ ଘାତକ ହୋଇପାରେ।


# ଧାମନଗରରେ ପ୍ରତିଷ୍ଠା ହେବ ବୟନ ପାର୍କ

**ଭୁବନେଶ୍ୱର,୨୧।୧୨ (ମହାଭାରତ):** ଭଦ୍ରକ ଜିଲ୍ଲା ଧାମନଗର ଛକରେ ଏମ୍‌ସିପିଆ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଏକ ବୟନ ପାର୍କ ପ୍ରତିଷ୍ଠା ପାଇଁ ୪୩୮୨ କୋଟି ଟଙ୍କାର ଅର୍ଥ ମଞ୍ଜୁର କରିଛି ଆଇଓସିଏଲ। ଫଳରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏହି ଉଦ୍ୟୋଗ ଯୋଗୁଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୬ ହଜାର ନିଯୁକ୍ତି ସୃଷ୍ଟି ହେବ ଏବଂ ଭଦ୍ରକ ଜିଲ୍ଲା ଶିଳ୍ପ ସମୃଦ୍ଧ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୋସିଆଲ୍ ମିଡିଆ ଏକ୍ସ ଯୋଗେ ସୂଚନା ଦେଇଛନ୍ତି। ବୟନ ପାର୍କ ପ୍ରତିଷ୍ଠା ନେଇ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଛନ୍ତି । ଏହା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀ, ଇଣ୍ଡିଆନ୍ ଅଏଲ୍‌କୁ ମଧ ଧନ୍ୟବାଦ ଦେଇଛନ୍ତି।



ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟ୍ୱିଟ୍ ଯୋଗେ ଧନ୍ୟବାଦ ଜଣାଇଛନ୍ତି। ଭଦ୍ରକ ଜିଲ୍ଲା ଓ ସ୍ଥାନୀୟ ଯୁବଗୋଷ୍ଠୀ ଏହି ପ୍ରକଳ୍ପ ଦ୍ୱାରା ବିଶେଷ ରୂପେ ଲାଭାନ୍ୱିତ ହେବେ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସେ ତାଙ୍କ ଏକ୍ସରେ ଲେଖିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଶିଳ୍ପ ସମୃଦ୍ଧ ହେଉଛି ରାଜ୍ୟ ଓ ଦେଶ। ଭଦ୍ରକ ଜିଲ୍ଲା ଓ ସ୍ଥାନୀୟ ଯୁବଗୋଷ୍ଠୀ ଏହି ପ୍ରକଳ୍ପ ଦ୍ୱାରା ବିଶେଷ ରୂପେ ଲାଭାନ୍ୱିତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ଧାମନଗର ଛକରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ଏଥିପାଇଁ ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବ ରଖିଥିଲେ। ଇଣ୍ଡିଆନ ଅଏଲ କର୍ପୋରେସନ ସହାୟତାରେ ଧାମନଗର ଛକରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ହେବ ବୋଲି ସେତେବେଳେ ଧର୍ମେନ୍ଦ୍ର କହିଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋକସରେ ଓଡ଼ିଶାର ବିକାଶ ରହିଥିବାରୁ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ଲାଗି କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଗତ ନିର୍ବାଚନରେ ରାଜ୍ୟରେ ବିଜେପି ସରକାର ଆସିବା ପରେ ଡବଲ ଇଞ୍ଜିନ ସରକାର, ଦ୍ୱିଗୁଣା ବିକାଶର ନାରାକୁ ଜୋର୍ ଦେଇଥିଲେ। ଏଣୁ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପ୍ରକଳ୍ପକୁ ନିକଟରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସଂପଦ ସ୍ୱାଇଁ ସମୀକ୍ଷା କରିଥିଲେ। ଏହାସହ ପ୍ରକଳ୍ପ ନିର୍ମାଣକୁ ତ୍ୱରାନ୍ୱିତକୁ ପ୍ରାଧାନ୍ୟ ଦେଇଥିଲେ। ତା ପରେ ରାଜ୍ୟ ସରକାର ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ଟେକ୍ସଟାଇଲ ପାର୍କ ପାଇଁ ପାରାଦୀପଠାରେ ଥିବା ଇଣ୍ଡିଆନ ଅଏଲର ରିଫାଇନାରୀରୁ କଞ୍ଚା ମାଲ୍ ଆସିବ। ଏଠାରେ ଟେକ୍ସଟାଇଲ ଉତ୍ପାଦ ପ୍ରସ୍ତୁତ ପରେ ଧାମରା ବନ୍ଦର ଦେଇ ଦେଶ ବିଦେଶକୁ ରପ୍ତାନୀ ହେବ ବୋଲି କୁହାଯାଇଛି। ଫଳରେ ଭଦ୍ରକ ଜିଲ୍ଲାରେ ଆନୁସଂଗିକ ଶିଳ୍ପ ମଧ ଗଢ଼ି ଉଠିବ। ଏହାଫଳରେ ଜିଲ୍ଲା ଶିଳ୍ପ ସମୃଦ୍ଧ ହେବ। ଭଦ୍ରକ ଓ ଏହାର ଆଖପାଖ ଜିଲ୍ଲାରୁ ଶହ ଶହ ଲୋକ ଗୁଜୁରାଟର ସୁରତ, ତାମିଲନାଡୁର ତିର୍ଚି, ତିରୁଚିରାପଲି, ତିରୁପୁର, ପଶ୍ଚିମବଙ୍ଗର କୋଲକାତା ଓ କେରଳର କୋଚି ଭଳି ସହରକୁ ଯାଇ ସୂତାକଳ ଓ ବୟନ ଶିଳ୍ପ କାରଖାନାରେ କାମ କରୁଛନ୍ତି।

## ୨୮ରେ ଓଡିଶା ଆସିବେ ଶାହା



**ଭୁବନେଶ୍ୱର,୨୧।୧୨ (ମହାଭାରତ):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପୁଣି ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। ଆସନ୍ତା ୨୮ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡିଶା ଆସିବା ଅବସରରେ ସମ୍ବଲପୁର ଗସ୍ତ କରିବେ। ସେଠାରେ ତାଙ୍କୁ ରାଜ୍ୟ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ସମ୍ବଲପୁର ଗସ୍ତ ସମୟରେ ପ୍ରଥମେ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବେ ଏବଂ ଏହାପରେ ୩/୪ଟି ପ୍ରକଳ୍ପର ଶୁଭ ଉଦଘାଟନ କରିବେ ବୋଲି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରକାଶ କରିଛନ୍ତି। ପରେ ଶ୍ରୀ ଶାହା ଭୁବନେଶ୍ୱରରେ ଆଜି ରାତ୍ରି ଯାପନ କରିବେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ବିଜେପି ଦଳର ପ୍ରମୁଖ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି।

## ତୁଟିବ ମହାନଦୀ ବିବାଦ



**ଭୁବନେଶ୍ୱର,୨୧।୧୨ (ମହାଭାରତ):** ମହାନଦୀ ବିବାଦକୁ ନେଇ ଛତିଶଗଡ଼ ଜଳସମ୍ପଦ ମନ୍ତ୍ରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ ୨ ରାଜ୍ୟ ମଧ୍ୟରେ ଥିବା ବିବାଦ ତୁଟାଇବାକୁ ଟ୍ରିବ୍ୟୁନାଲ ଗଠନ ହୋଇଛି। ଏବେ ଟ୍ରିପଲ ଇଞ୍ଜିନ ସରକାର ଥିବାରୁ ସମାଧାନ ପାଇଁ ତତ୍ପର। ଟ୍ରିବ୍ୟୁନାଲ ଗଠନ ପରେ ଏଯାଏଁ ୩୭ ବୈଠକ ହୋଇ ସାରିଛି। ଉଭୟ ରାଜ୍ୟର ହିତକୁ ଦେଖି ବିବାଦର ସମାଧାନ କରାଯିବ। ମହାନଦୀର ଉତ୍ପତ୍ତିସ୍ଥଳରୁ ଶେଷ ପର୍ଯ୍ୟନ୍ତ ପାଣି ପହଞ୍ଚିବାକୁ ଗୁରୁତ୍ୱ ଦିଆଯିବ। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଲୋଚନା କରି ସମାଧାନର ବାଟ ବାହାର କରିବେ ବୋଲି ଛତିଶଗଡ଼ ଜଳସମ୍ପଦ ମନ୍ତ୍ରୀ ପ୍ରକାଶ କରିଛନ୍ତି।

## ଜାନୁଆରୀରେ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୨୧।୧୨ (ମହାଭାରତ):** ଆସନ୍ତା ଜାନୁଆରୀ ମାସରେ ପ୍ରଦାନ କରାଯିବ ସୁଭଦ୍ରା ଟଙ୍କା। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟର ହିତାଧିକାରୀଙ୍କୁ ଏହି ସହାୟତା ପ୍ରଦାନ କରାଯିବା ନେଇ ଆଜି ସୂଚନା ଦେଇଛନ୍ତି ଉପମଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡା କହିଛନ୍ତି ଯେ, ବଣ୍ଡା ଘାଟି ଅପହଞ୍ଚ ଥିଲା, ମୁଁ କହିଥିଲି ବଣ୍ଡାଘାଟୀ ଯିବି, ସେଠୀ ୧୨୦୦୦ରୁ ଉର୍ଦ୍ଧ୍ୱ ମହିଳା ସୁଭଦ୍ରା ପାଇଁ ଆବେଦନ କରିଛନ୍ତି। ୯୦୦୦ ମହିଳା ପାଇଛନ୍ତି ପ୍ରଥମ କିସ୍ତି, ୩୦୦୦ ମହିଳା ଏଯାଏଁ ପାଇ ନାହାଁନ୍ତି, ଯେଉଁ ପ୍ରତିବନ୍ଧ ଥିଲା ତାର ସମାଧାନ ହେଇଛି। ପାନୀୟ ଜଳ ସମସ୍ୟା, ସ୍କୁଲ ସମସ୍ୟା, ଇଣ୍ଟରନେଟ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି। ସୁଭଦ୍ରା ଚତୁର୍ଥ ପର୍ଯ୍ୟାୟ ଟଙ୍କା ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ମିଳିବ। ଭେରିଫାଇ କରିବାରେ ଟିକେ ଡେରି ହେଉଛି। କିଛି ଜାଗାରେ ଜମି ପାଇଁ ସମସ୍ୟା ଅଛି। ୩୦ ତାରିଖ ଟାର୍ଗେଟ ରଖିଛୁ। ସବୁ ଭେରିଫିକେସନ୍ ଯଦି ସରିଲା ତେବେ ଜାନୁଆରୀରେ ମିଳିବ ବୋଲି ଆଶା ରଖିଛୁ ବୋଲି ପ୍ରଭାତି ପରିଡା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ତିନିଟି ପର୍ଯ୍ୟାୟରେ ୮୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ସହାୟତା ରାଶି ପ୍ରଦାନ କରାଯାଇ ସାରିଲାଣି।

## ୪୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ପିପିଲି,୨୧।୧୨ (ମହାଭାରତ):** ରାଉରକେଲାରୁ ପୁରୀକୁ ବ୍ରାଉନ ସୁଗାର ନେଇ ଆସୁଥିବା ବେଳେ ପୁରୀ ଅବକାରୀ ବିଭାଗ ଏକ କାର୍ ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟଙ୍କ ଜାମିନ ନାମଞ୍ଜୁର ହେବା ପରେ ପୁରୀ କାରାଗାରକୁ ପଠାଇ ଦିଆଯାଇଛି। ଦୁଇ ଅଭିଯୁକ୍ତ ହେଲେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ମୁସଲିମପଡ଼ାର ଇମାମ୍ ଅହମ୍ମଦ ରାଜା (୨୭) ଏବଂ ରାଉଲକେଲା ପ୍ଲାଣ୍ଟ ସାଇଟ ଅଞ୍ଚଳର ମହମ୍ମଦ ଆବୁ ତଲହା (୨୯)। ଉଭୟଙ୍କଠାରୁ ୩୭୮ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଗୁଇନ୍ଦା ସୂତ୍ରରୁ ଖବରପାଇ ପୁରୀ ଅବକାରୀ ବିଭାଗ ପିପିଲି ବାଇପାସ୍ ନିକଟରେ ବିଳମ୍ବିତ ରାତିରେ ଏକ କାରକୁ ଅଟକାଇ ଚଢ଼ାଉ କରିଥିଲା।

## ଗଜପତି ଉତ୍ସବ ବାର୍ତ୍ତା-୨୦୨୪

**ଗଜପତି ଉତ୍ସବ-୨୦୨୪** ଚଳିତ ବର୍ଷ ଡିସେମ୍ବର ୧୮ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ୫ ଦିନ ଧରି ଗଜପତି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ଉତ୍ସବର ଉଦ୍ଦେଶ୍ୟ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ପ୍ରୋତ୍ସାହନ ଦେବା ସହିତ ପ୍ରତିଭା ଅନ୍ୱେଷଣ ପାଇଁ ମଞ୍ଚ ପ୍ରଦାନ କରିବା । ଏତଦ୍ ବ୍ୟତୀତ ଜିଲ୍ଲାରେ ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷିଜାତ ଦ୍ରବ୍ୟ, ହସ୍ତତନ୍ତ ସାମଗ୍ରୀ ଓ ସଉରା ଚିତ୍ରକଳା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ବିକ୍ରି ଓ ପ୍ରଦର୍ଶନୀ ପାଇଁ ସୁଯୋଗ ଦିଆଯାଉଛି।

ପ୍ରତିଦିନ ସଂଧ୍ୟାରେ ଜିଲ୍ଲା ମହୋତ୍ସବ ମଞ୍ଚରେ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗଦାନ କରି ଏହି ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଜନସାଧାରଣଙ୍କ ସହୃଦୟ ସହଯୋଗ କାମନା କରୁଛି।

**ସ୍ୱା/-ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଭା.ପ୍ର.ସେ.,**
**ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ,**
**ଜିଲ୍ଲା ସଂସ୍କୃତି ପରିଷଦ, ଗଜପତି**

**ବିଭାଗର ସଫଳତା ବାର୍ତ୍ତା :**

ଜିଲ୍ଲା ସ୍ତରରେ ଉଦ୍ୟୋଗ ଓ ଶିଳ୍ପ ଗୁଡିକର ଅଭିବୃଦ୍ଧିକୁ ପ୍ରୋତ୍ସହିତ କରିବାରେ ଜିଲ୍ଲା ଶିଳ୍ପ କେନ୍ଦ୍ର (DIC) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ଉଦ୍ୟୋଗୀ ମାନଙ୍କ ପାଇଁ ସିଙ୍ଗଲ ୱିଣ୍ଡୋ ସୁବିଧା ଭାବରେ କାର୍ଯ୍ୟ କରେ। ବ୍ୟବସାୟ ସ୍ଥାପନ, ପରିଚାଳନା ଓ ସଂପ୍ରସାରଣ ପାଇଁ ମାର୍ଗ ଦର୍ଶନ ସମର୍ଥନ ଓ ବ୍ୟାଙ୍କ ଋଣ ପାଇଁ ସହାୟତା ପ୍ରଦାନ କରେ। ଉଦ୍ୟୋଗୀ ମାନଙ୍କୁ ଉଦ୍ୟୋଗ ସ୍ଥାପନ ପାଇଁ ନିମ୍ନ ପ୍ରଦତ୍ତ ଯୋଜନା ମାନ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ବିଭାଗ ଭାରତ/ଓଡ଼ିଶା ସରକାର ଅନୁମୋଦନ କରିଛନ୍ତି।

୧.ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (କେତେକ ନୂତନ ଉଦ୍ୟୋଗ ସ୍ଥାପନ ପାଇଁ) (PMEGP)
୨. ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟା ସଂଯୋଗୀ କରଣ ଯୋଜନା (PMFME)
୩. ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା (କେବଳ ୧୮ ପ୍ରକାର ପାରମ୍ପରିକ କାରିଗର ମାନଙ୍କ ପାଇଁ)
୪. ଓଡ଼ିଶା ଶିଳ୍ପ ନିତୀ ୨୦୨୨

ବିସ୍ତୃତ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ।
ଜିଲ୍ଲା ଶିଳ୍ପ କେନ୍ଦ୍ର ଗଜପତି, ପାରଳାଖେମୁଣ୍ଡି
ସାଧାରଣ ପରିଚାଳକ - ୭୦୦୮୫୦୧୯୧୨
ସହକାରୀ ଶିଳ୍ପ ଅଧିକାରୀ- ୮୭୬୩୬୪୧୬୫୦, ୮୭୬୩୫୧୧୪୮୭ଇ

# ବିଲରେ ଭିଜିଲା ପାଚିଲା ଧାନ

**ଭୁବନେଶ୍ୱର,୨୧।୧୨ (ମହାଭାରତ):** ବଙ୍ଗୋପସାଗରରେ ସକ୍ରିୟ ଅବପାତ ପ୍ରଭାବରେ କୋହଲା ପାଗ ସାଙ୍ଗକୁ ସାରା ରାଜ୍ୟରେ ଲାଗିରହିଛି ଝିପିଝିପି ବର୍ଷା। ଏହି ବର୍ଷା ଆଣି ଦେଇଛି ଚାଷୀ ମୁଣ୍ଡରେ ଚଡ଼କ ସାଜିଛି। ଗତ ଶୁକ୍ରବାର ଠାରୁ ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ଫଳରେ କେଉଁଠି ଚାଷୀ ଧାନକୁ କାଟି କ୍ଷେତରେ ପକାଇଛି ତ ପୁଣି କେଉଁଠି ପାଚିଲା ଧାନ ଗଛ କ୍ଷେତରେ ଠିଆ ହୋଇ ରହିଛି। ଏଭଳି ପରିସ୍ଥିତି ଉପୁଜିଛି ଯେ ଧାନ ନ କାଟିଲେ କ୍ଷେତରେ ନଷ୍ଟ ହେବ। କାଟିଲେ ବର୍ଷା ଦାଉରୁ ବଞ୍ଚାଇବା କଷ୍ଟକର ହେବ। ଯେଉଁମାନେ କ୍ଷେତରେ ଗଦା ଅଥବା ବାହିଆ କରି ରଖିଛନ୍ତି ସେମାନଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। କିଏ ଧାନ ଗଦାରେ ଜରିପାଲ ପକାଇଛି ତ ଆଉ କିଏ ପାଚିଲା ଧାନକୁ ପାଣିରୁ ଉଠାଇ ଆଣି ଉଚ୍ଚ ସ୍ଥାନରେ ରଖିଛି। ଧାନ ସମ୍ପୂର୍ଣ୍ଣ ଭାବରେ ପାଚି ଯାଇଥିବାରୁ ଏହା ନାଲି ପଡ଼ି ଗଜା ହେବାର ସମ୍ଭାବନା ଦେଖା ଦେଇଛି। ଅନ୍ୟପଟେ ଗତକାଲିଠାରୁ ରାଜ୍ୟରେ ବର୍ଷା ଲାଗି ରହିଥିବା ବେଳେ ଆସନ୍ତାକାଲି ବର୍ଷାର ପରିମାଣ ବହୁ ମାତ୍ରାରେ କମିଯିବାର ସମ୍ଭାବନା ରହିଛି। ଆଜି ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ସ୍ଥିତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଉପକୂଳବର୍ତ୍ତି ଜିଲ୍ଲାଗୁଡ଼ିକରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହା ସହ ଏହାର ଆଖପାଖ ଅଞ୍ଚଳରେ ମଧ ବିକ୍ଷିପ୍ତ ବର୍ଷା ରହିବ। ଅଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ଆଜି ପ୍ରାୟତଃ କମିଯିବ। ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, ଯାଜପୁର, କଳାହାଣ୍ଡି,କନ୍ଧମାଳ , ଢେଙ୍କାନାଳ,ଖୋର୍ଦ୍ଧା, କଟକ, ଝାରସୁଗୁଡ଼ା ଜିଲ୍ଲାରେ ଅଧିକ ବର୍ଷା ରହିବ। ମାଲକାନଗିରି,ନୂଆପଡ଼ା, ବଲାଙ୍ଗିର, ନବରଙ୍ଗପୁର, ବରଗଡ଼, ସୋନପୁରରେ ଆଜି କମିପାରେ ବର୍ଷା। ସେପଟେ ଆଗାମୀ ୪୮ ଘଣ୍ଟା ଯାଏଁ ରାଜ୍ୟରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ବିଶେଷ କରି କେନ୍ଦୁଝର, ଝାରସୁଗୁଡ଼ା, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର କିଛି କିଛି ସ୍ଥାନରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାଗୁଡ଼ିକରେ ଘନ କୁହୁଡ଼ି ପଡ଼ିବାକୁ ଥିବା ସମୟରେ ଯେପରି କୌଣସି ପ୍ରକାର ଦୁର୍ଘଟଣା ଘଟିବ ନାହିଁ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପୁଲିସ ଓ ପରିବହନ ବିଭାଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର।

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାଣିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



## ପରଦା ଖବର

# ନ୍ୟୁଜ୍ ରିଲ୍: ଶ୍ରେଷ୍ଠ ୧୦ରେ ରହି ବି ଖୁସି ନାହାନ୍ତି ହିନା



୨୦୨୪ ମସିହାରେ ଗୁଗଲରେ ସବୁଠାରୁ ଅଧିକ ଖୋଜା ଯାଇଥିବା ବା ସର୍ଚ୍ଚ କରାଯାଇଥିବା ୧୦ କଳାକାରଙ୍କ ମଧ୍ୟରେ ଅଭିନେତ୍ରୀ ହିନା ଖାନ୍ ରହିଛନ୍ତି। ନିକଟରେ ଗୁଗଲ୍ ପକ୍ଷରୁ ପ୍ରକାଶିତ ତାଲିକାରେ ତାଙ୍କ ନାମ ସହିତ ଅଭିନେତ୍ରୀ ନିମ୍ରୁ କେର୍ ଓ ଅଭିନେତା ପବନ କଲ୍ୟାଣଙ୍କ ନାମ ରହିଛି। ଏନେଇ ତାଙ୍କ ପାଖକୁ ଅନେକ ଶୁଭେଚ୍ଛା ବା□ା ଆସିଥିଲେ ବି ହିନା କିନ୍ତୁ ଖୁସି ନାହାନ୍ତି। ହିନାଙ୍କ କହିବା କଥା ହେଲା, କେଣସି ସଫଳତା ପାଇଁ ନୁହେଁ, ବରଂ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଲୋକେ ଖୋଜିଛନ୍ତି। ଏହା ଆଦୌ ଆନନ୍ଦର ବିଷୟ ନୁହେଁୟ ପବନ କଲ୍ୟାଣ ଓ ନିମ୍ରୁ କେର୍ଙ୍କ ସହିତ ନିଜ ନାମ ଉଲ୍ଲେଖ ଥିବା ତାଲିକାକୁ ତାଙ୍କ ଇନ୍ଷ୍ଟାଗ୍ରାମ୍ ପେଜ୍ରେ ସେୟାର୍ କରି ହିନା ଲେଖିଛନ୍ତି, ‘‘ମୁଁ ଦେଖିଲି ଅନେକ ଲୋକ ମୋ ଫଟୋକୁ ସେମାନଙ୍କ ଷ୍ଟୋରିରେ ରଖି ମୋତେ ଅଭିନନ୍ଦନ ଜଣାଇଛନ୍ତି। ମାତ୍ର ସତ କହିବାକୁ ଗଲେ ଏହା ମୋ ପାଇଁ କେଣସି ସଫଳତା ବା ଗର୍ବର ବିଷୟ ନୁହେଁ। ତେଣୁ ମୁଁ ଖୁସି ହେବାର କେଣସି କାରଣ ନାହିଁ।’’ ତୃତୀୟସ୍ତରରେ ପହଞ୍ଚିଥିବା ସ୍ତନ କର୍କଟ ସହ ସଂଗ୍ରାମ କରୁଥିବା ହିନା କହିଛନ୍ତି, ‘‘ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ହେତୁ ଅନ୍ୟ କାହାକୁ ବି ଇ□ର୍ନେଟ୍ରେ ଏମିତି ଖୋଜା ନଯାଉ ବୋଲି ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି।’’ ନିକଟରେ କେମୋଥେରାପି ପରେ ହସ୍ପିଟାଲରୁ ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ଫଟୋ ସେୟାର୍ କରିଥିଲେ ସେ ୨୦୨୪ ମସିହା ଜୁନ୍ ମାସରେ ତାଙ୍କୁ କର୍କଟ ହୋଇଥିବା କଥା ସୋସିଆଲ୍ ମିଡିଆ ପୋଷ୍ଟ ଜରିଆରେ ସେ ସମସ୍ତଙ୍କୁ ଜଣାଇଥିଲେ। ତା’ପରଠାରୁ ସେ ତାଙ୍କ ଚିକିତ୍ସା ସଂପର୍କିତ ଅନେକ କଥା ସୋସିଆଲ୍ ମିଡିଆରେ ସେୟାର୍ କରି ଆସୁଛନ୍ତି ଏବଂ ଲୋକେ ବହୁ ସଂଖ୍ୟାରେ ଏ ବିଷୟ ଜାଣିବା ଲାଗି ତାଙ୍କୁ ସର୍ଚ୍ଚ କରୁଛନ୍ତି। ଟେଲି ଅଭିନେତ୍ରୀ ହିନା ଧାରାବାହିକ ‘ୟେ ରିସ୍ତା କ୍ୟା କେହେଲାତା ହେ’ ଜରିଆରେ ଦର୍ଶକମାନଙ୍କର ପ୍ରିୟ ପାଲଟିଥିଲେ। ସେହିପରି ‘କସେଟି ଜିନ୍ଦଗୀ କେ’ର କମଲିକା ଚରିତ୍ରରେ ମଧ୍ୟ ସେ ବେଶ୍ ଦର୍ଶକୀୟ ପ୍ରଶଂସା ସାଉଁଟି ଥିଲେ।

# ବୈକୁଣ୍ଠ ଚତୁର୍ଦ୍ଦଶୀ



ପୌରାଣିକ କଥାବସ୍ତୁ ଅନୁସାରେ ଥରେ ବିଷ୍ଣୁ କାଶିରେ ଶିବ ଭଗବାନଙ୍କ ଉପରେ ଏକ ହଜାର ସ୍ୱର୍ଣ୍ଣ କମଳ ପୁଷ୍ପ ଚଢ଼ାଇବାର ସଂକଳ୍ପ କରିଥିଲେ । ଯେବେ ଏହି ସଂକଳ୍ପ ପାଳନ କରିବାର ସମୟ ଆସିଲା, ସେହି ସମୟରେ ଭଗବାନ ଶିବ, ବିଷ୍ଣୁଙ୍କୁ ପରୀକ୍ଷା କରିବା ପାଇଁ ଗୋଟିଏ ସ୍ୱର୍ଣ୍ଣ କମଳ ପୁଷ୍ପ କମ୍ କରି ଦେଇଥିଲେ ।

ପୁଷ୍ପ କମ୍ ହୋଇଯିବାରୁ ବିଷ୍ଣୁ ନିଜ କମଳ ନୟନ ନାମକୁ ସ୍ମରଣ କରି ଭଗବାନ ଶିବଙ୍କ ନିକଟରେ ନିଜ ନେତ୍ର ସମର୍ପିତ କରି ଦେଇଥିଲେ । ବିଷ୍ଣୁଙ୍କ ଏଭଳି ଭକ୍ତିଭାବ ଦେଖି କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀକୁ ‘ବୈକୁଣ୍ଠ ଚତୁର୍ଦ୍ଦଶୀ’ ନାମରେ ପାଳନ କରାଯାଏ। ସେହି ଦିନଠାରୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇ ଭଗବାନ ବିଷ୍ଣୁଙ୍କ ଆରାଧନା କରାଯାଉଛି। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତର ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

# ଇମ୍ୟୁନିଟି ବୃଦ୍ଧି କରେ କଖାରୁ !



ଲୋକଙ୍କୁ ସୁଷମ ଖାଦ୍ୟ ଖାଇବା ଲାଗି ଏବେ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ଔଷଧ ଅପେକ୍ଷା ଖାଦ୍ୟରୁ ବିଭିନ୍ନ ଭିଟାମିନ ଆହରଣ କରାଯାଇପାରେ। ଏଥିରେ ଭାରତୀୟ ବ୍ୟଞ୍ଜନରେ ଉପଯୋଗ ହେଉଥିବା ପନିପରିବା ଲୋକଙ୍କୁ ବେଶ ପୋଷକତତ୍ତ୍ୱ ଯୋଗାଇଦେବ ବୋଲି ଡାୟଟିଶିଆନମାନେ କହିଛନ୍ତି। ଏଥିରେ ଦୈନନ୍ଦିନ ଉପଯୋଗରେ ଆସୁଥିବା ପରିବା କଖାରୁ ପୋଷଣ ବୃଦ୍ଧିରେ ସହାୟକ ହୋଇପାରେ ବୋଲି ଡାୟଟିଶିଆନ କହିଛନ୍ତି।


କଖାରୁ ଭିଟାମିନରେ ଭରପୁର ଏକ ସବୁଜ ପରିବା। ଏଥିରେ ଜାଂଥିନ ଓ ଜେକସେନ୍ଥିନ ସମେତ କେରୋଟିନ ଓ ଭିଟାମିନ୍ ଏ ପ୍ରଚୁର ପରିମାଣରେ ରହିଛି। ଯାହା କରୋନାରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରେ। କଖାରୁ ମଞ୍ଜିରେ ପ୍ରଚୁର ଭିଟାମିନ ସି ଭରି ରହିଛି। ଏହା ଛଡା ଏହାର ଅନ୍ତ ପ୍ରଚୁର ଭିଟା କାରୋଟିନ୍ ରହିଛି। ଏହି ପୋଷକ ତତ୍ତ୍ୱ ଆମ ଶରୀରରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରିବ। କଖାରୁ ଏକ ଏପରି ପରିବା ଯେଉଁଥିରେ ଆମର ଦୃଷ୍ଟି ଶକ୍ତି ଜନିତ ସମସ୍ୟାର ସମାଧାନ ମଧ୍ୟ ରହିଛି। ଏଥିରେ ପ୍ରଚୁର ଭିଟାମିନ-ଏ ରହୁଥିବାରୁ ଉଚିତ ମାତ୍ରାରେ କଖାରୁ ପ୍ରସ୍ତୁତ ବ୍ୟଞ୍ଜନ ଖାଇଲେ ଦୃଷ୍ଟି ଶକ୍ତି କମଜୋର ହୋଇନଥାଏ। ଏଥିରୁ ବୟସ ବୃଦ୍ଧିରେ ଖାଦ୍ୟରେ କଖାରୁ ସାମିଲ କରାଗଲେ ଦୃଷ୍ଟି ଶକ୍ତି ଜନିତ ସମସ୍ୟା ନିରାକରଣରେ ସହାୟକ ହେବ ବୋଲି କୁହାଯାଏ। ଏହି ପରିବାରେ ଭିଟା କାରୋଟିନା ମିଳୁଥିବାରୁ ଯାହା ଶରୀରକୁ ଭିଟାମିନ୍ ଏ ଯୋଗାଇ ଦେଇଥାଏ। ଏହି ପରିବାରେ ପ୍ରଚୁରମାତ୍ରାରେ ଫାଇବର ଥାଏ। ଏହା ଛଡା ଏଥିରେ ଫ୍ୟାଟସ୍ ବି ନଥାଏ। ଫାଇବର ଯୋଗୁ କ୍ଷୁଧା ନିୟନ୍ତ୍ରିତ ହେଉଥିବା ବେଳେ ଶରୀରର ଓଜନ ହ୍ରାସ ହୋଇଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ ରହୁଥିବାରୁ ପୃଥୁଳତା ହ୍ରାସରେ ସହାୟକ ହୋଇଥାଏ। କଖାରୁରେ ପ୍ରଚୁର ଆଇରନ ମଧ୍ୟ ଶରୀର ପାଇଥାଏ। ଏଣୁ ଖାଦ୍ୟରେ କଖାରୁ ଖାଇଲେ ଏନର୍ଜୀମାତ୍ରା ବଢିଥାଏ। ଖାଦ୍ୟରେ କଖାରୁ ଖାଇଲେ ନଖ ହଳଦିଆ ପଡିବା ଅଥବା ମୁଣ୍ଡ ବୁଲେଇବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ଡାଏଟିସିଆନମାନେ କୁହନ୍ତି।

# ୮ ମାସ ପାଣିରେ ବୁଡି ରହେ ମନ୍ଦିର





ସମସ୍ତେ ମନ୍ଦିରକୁ ଯାଆନ୍ତି ଓ ପୂଜା କରନ୍ତି । କିନ୍ତୁ ଭାରତରେ ଏପରି ଏକ ରହସ୍ୟମୟୀ ମନ୍ଦିର ରହିଛି ଯିଏକି ବର୍ଷକରେ ୮ମାସ ପାଣିରେ ବୁଡି ରହିଥାଏ । ଏହି ମନ୍ଦିରଟି ହେଉଛି ବାଥୁ କି ଲଡି ।ଯାହା ହିମାଚଳର କାଙ୍ଗ୍ରା ଜିଲ୍ଲାରେ ରହିଛି ।ବିଶେଷ କଥା ହେଉଛି ମନ୍ଦିରଟି ପାଣିରେ ୮ ମାସ ରହୁଥିବା ବେଳେ ୪ ମାସ ବାହାରେ ରହିଥାଏ । ମନ୍ଦିରଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତି । ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ମନ୍ଦିରରେ ଦର୍ଶନ ଦେଇଥାନ୍ତି ଭଗବାନ ବିଷ୍ଣୁ । ଏହି ମନ୍ଦିର ପାଖରେ ରହିଛି ଅନେକ ଛୋଟଛୋଟ ମନ୍ଦିର । ବାସ୍ତବରେ ମନ୍ଦିରଟି ୮ ମାସ ପାଇଁ ମହାରଣା ପ୍ରତାପ ସାଗର ହ୍ରଦରେ ବୁଡ଼ି ଯାଇଥାଏ । ଯେତେବେଳେ ହ୍ରଦର ଜଳସ୍ତର ବଢିଯାଇଥାଏ ସେତେବେଳେ ମନ୍ଦିର ବୁଡିଯାଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ମନ୍ଦିର ଦୀର୍ଘ ସମୟ ଧରି ଜଳମଗ୍ନ ହେବା ପରେ ବି ଏହାର ଗଠନରେ କୌଣସି ପରିବର୍ତ୍ତନ ହୋଇନଥାଏ ।ଏହାର କାରଣ ହେଉଛି ମନ୍ଦିରଟି ଅନେକ ଶକ୍ତିଶାଳୀ ପଥରରେ ନିର୍ମିତ । ଏଠାରେ ଆପଣ ପଥରରେ ଖୋଦିତ ଭଗବାନ ଗଣେଶ ଏବଂ କାଳୀଙ୍କ ମୂର୍ତ୍ତି ଦେଖିବାକୁ ପାଇବେ ।ଏହାସହିତ ମନ୍ଦିର ମଧ୍ୟରେ ଭଗବାନ ବିଷ୍ଣୁ ଶେଷନାଗ ଉପରେ ବିଶ୍ରାମ କରୁଥିବାର ମୂର୍ତ୍ତି ସ୍ଥାପନା କରାଯାଇଛି ।ଏଠାରେ ରହୁଥିବା ଲୋକମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରଟି ସ୍ଥାନୀୟ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା ୟ ଆଉ କିଛି ଲୋକ ଏହି ମନ୍ଦିରକୁ ପାଣ୍ଡବଙ୍କ ସହିତ ସଂଯୋଗ କରିଥାନ୍ତି। ସେମାନଙ୍କ ବିଶ୍ୱାସ ଅନୁଅୟାୟୀ, ପାଣ୍ଡବମାନେ ନିର୍ବାସନ ସମୟରେ ଏଠାରେ ସ୍ୱର୍ଗକୁ ସିଢ଼ି ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ । ତଥାପି ସେ ଏହାକୁ ତିଆରି କରିବାରେ ସଫଳ ହୋଇପାରିନଥିଲେ । କାରଣ ସେମାନଙ୍କୁ ଗୋଟିଏ ରାତିରେ ଏହି ସିଢ଼ି ନିର୍ମାଣ କରିବାକୁ ଥିଲା ।





# ବୀର ଗୋଗା ଦେବଙ୍କ କଥା

ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ ‘ଜାହାରବୀର ଗୋଗା ରାଣା’ ମଧ୍ୟ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି ଗୋଗାମେଡ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ ‘ଗୋଗା ମହାରାଜ’ ନାମରେ ମଧ୍ୟ କୁହନ୍ତି।



ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା। ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ ‘ଜୋହର ପୀର’ ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଲିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି ବୈଠକ

**ଭୁବନେଶ୍ୱର,୨୧।୧୨ (ମହାଭାରତ):** ଓଡ଼ିଶାରେ କାର୍ଯ୍ୟରତ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି) ବୈଠକ ଆଜି ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିସରରେ ଅନୁଷ୍ଠିତ ହୋଇଯାଇଛି। ପିଆଇବି ଓ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ଆସନ୍ତା ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଇଁ ସଂଚାର ରଣନୀତି ଏବଂ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଲାଗି ବୈଠକରେ ସହମତି ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ପିଆଇବି ଓ ସିବିସି ଏଡିଜି ଅଖିଳ କୁମାର ମିଶ୍ର କହିଛନ୍ତି, ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାରପ୍ରସାର ରଣନୀତି ପ୍ରସ୍ତୁତି ଲାଗି ଆଇଏମପିସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମିତିର ବୈଠକ ନିୟମିତ ଆୟୋଜନ କରାଯିବା ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ପ୍ରଚାରପ୍ରସାର ଲାଗି ସମନ୍ୱୟ ରକ୍ଷା କରିବା ଅଧିକ ସୁଗମ ହୋଇପାରିବ। ଏହି ସମିତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସୂଚନା ସେବା ଓ ଲୋକସମ୍ପର୍କ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିଥାଏ। ଆଇଏମପିସିସି ବୈଠକ ପରସ୍ପରର ବିଚାର ବ୍ୟକ୍ତ କରିବା ଲାଗି ମଂଚ ଯୋଗାଇ ଥାଏ ବୋଲି ଶ୍ରୀ ମିଶ୍ର କହିଥିଲେ । ଆସନ୍ତା ୮-୧୦ ଜାନୁଆରୀ ୨୦୨୫ରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସକୁ ନେଇ ଆଲୋଚନା କରିବା ଲାଗି ଆଜିର ବୈଠକ ଡକାଯାଇଥିବା ସେ କହିଥିଲେ।

ଏଡିଜି ଶ୍ରୀ ମିଶ୍ର କହିଥିଲେ, ଓଡ଼ିଶା ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଏକ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବିଦେଶମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ପ୍ରବାସୀ ଭାରତୀୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାରୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକ କାର୍ଯ୍ୟକ୍ରମକୁ ନେଇ ବ୍ୟାପକ ପ୍ରଚାରପ୍ରସାର ପ୍ରତି ଯତ୍ନବାନ ହେବା ଲାଗି ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବପ୍ରସାଦ ଦାଶ କହିଥିଲେ, ଭୁବନେଶ୍ୱର ଜନତା ମୈଦାନରେ ପ୍ରବାସୀ ଭାରତୀୟ ଦିବସ ସମାରୋହର ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ ଲାଗି ଜୋରସୋରରେ ପ୍ରସ୍ତୁତି ଚାଲିଛି। ଓଡ଼ିଶା ସରକାର ଏବଂ ବିଦେଶ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି ସମାରୋହକୁ ସଫଳ କରିବା ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିରେ ୭ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବେ। ସେମାନଙ୍କ ରହିବା, ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ବୁଲିବା, ଏବଂ ସୁରକ୍ଷା ପାଇଁ ବ୍ୟାପକ ଆନୁସଙ୍ଗିକ ବନ୍ଦୋବସ୍ତ କରାଯାଇଛି। ଭୁବନେଶ୍ୱର, କଟକ, ପୁରୀ ସହରରେ ଥିବା ଅତିଥି ଭବନ ଓ ଘରୋଇ ହୋଟେଲରେ ଅତିଥିଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି।

# ସ୍ଥାୟୀ କୃଷି ସଂସ୍କାର କ୍ଷେତ୍ରରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ



**ଭୁବନେଶ୍ୱର,୨୧।୧୨ (ମହାଭାରତ):** ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ଏବଂ ଆନ୍ତର୍ଜାତିକ କୃଷି ଅନୁସନ୍ଧାନ ଗୋଷ୍ଠୀ ସଙ୍ଗଠନର ପ୍ରଯୋଜିତ ପଦକ୍ଷେପ ସ୍ୱରୂପ ଜାତୀୟ ନୀତି ଓ ସୁଚିନ୍ତିତ ପଦକ୍ଷେପ ସହ ମିଳିତ ଆନୁକୂଲ୍ୟରେ ଓଡ଼ିଶା ସରକାର ଭୁବନେଶ୍ୱରରେ ଏକ ନୀତି ନିର୍ଦ୍ଧାରଣ ଗୋଲଟେବୁଲ ସମାରୋହର ସଫଳ ଆୟୋଜନ କରିଛନ୍ତି। ସ୍ଥାୟୀ ବିକାଶ ଦିଗରେ ଓଡ଼ିଶାର ଯାତ୍ରା ଉପରେ ପ୍ରମୁଖ ଆଲୋକପାତ କରି, ଏହି ଗୋଲଟେବୁଲ ଦକ୍ଷିଣ-ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଜ୍ଞାନ ବିନିମୟ ପାଇଁ ସୁଯୋଗ ସହ ଆଂଚଳିକ ସହଭାଗୀତା ପାଇଁ ଏକ ମଂଚ ପ୍ରଦାନ କରିଛି।

ଭିନ୍ନଭିନ୍ନ କୃଷି ଓ ଜଳବାୟୁ ଆହ୍ୱାନର ମୁକାବିଲା ପାଇଁ, ବହୁ ସରକାରୀ ଅଧିକାରୀ, ଗବେଷକ, ପେଶାଦାର ଉନ୍ନୟନଧର୍ମୀ କର୍ମୀ ଏବଂ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସମେତ ଶହେରୁ ଉର୍ଦ୍ଧ ବିଶିଷ୍ଟ ବ୍ୟକ୍ତି-ବିଶେଷ ଏହି ସମ୍ମିଳନୀରେ ଯୋଗଦାନ କରିଛନ୍ତି । 'ଓଡ଼ିଶାରେ ଅନ୍ତର୍ଭୁକ୍ତ କୃଷି ରୂପାନ୍ତରଣର ଅଗ୍ରଗତି' ଶୀର୍ଷକ କାର୍ଯ୍ୟକ୍ରମରେ କୃଷି ରୂପାନ୍ତରଣ ଏବଂ ବିଶ୍ୱସ୍ତରରେ ତଦନୁରୂପ ଭାବେ ଦେଶ ଓ ରାଜ୍ୟ ପାଇଁ ଏକ ଦୃଷ୍ଟାନ୍ତ ଭାବରେ ଏହାର ସମ୍ଭାବନାକୁ ବୃଦ୍ଧି କରିବା ଅଭିମୁଖ୍ୟରେ ଓଡ଼ିଶା ନେଉଥିବା ନେତୃତ୍ୱ ଉପରେ ଆଲୋକପାତ କରାଯାଇଥିଲା।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସମାବେଶକୁ ସମ୍ବୋଧିତ କରିଥିଲେ। ନ୍ୟାୟସଙ୍ଗତ କୃଷି ଅଭିବୃଦ୍ଧି ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରି କହିଥିଲେ, 'ସାମଗ୍ରିକ ଏବଂ ସ୍ଥାୟୀ କୃଷି ସଂସ୍କାର କ୍ଷେତ୍ରରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ। ଆଜି ଯେଉଁ ଚିନ୍ତନ ଓ ସହଭାଗୀତା ବିକାଶର ଦିଗକୁ ପରିପୁଷ୍ଟ କରିଛି, ତାହା ଏକ ଦୀର୍ଘସ୍ଥାୟୀ କୃଷିର ଭବିଷ୍ୟତ ଗଠନ କରିବ, ଯେଉଁଠାରେ ପ୍ରତ୍ୟେକ କୃଷକ ଉନ୍ନତି କରିପାରିବେ। କ୍ଷୁଦ୍ର ଚାଷୀଙ୍କୁ ସଶକ୍ତ କରିବା ପାଇଁ ବଜାର ସଂଯୋଗ ଗୁରୁତ୍ୱପୂର୍ଣ୍ଣ ଅଟେ। କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ଆମେ ସୁନିଶ୍ଚିତ କରୁଛୁ ଯେ କୃଷକମାନେ ନ୍ୟାୟସଙ୍ଗତ ଭାବରେ ବଜାରରେ ନିଜର ସ୍ଥିତି ସୁଦୃଢ଼ କରିପାରିବେ, ଯାହା ଦ୍ୱାରା ସେମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରିବେ ତଥା ସେମାନଙ୍କ ଜୀବିକା ନିର୍ବାହକୁ ଉନ୍ନତମାନର କରିବାରେ ସକ୍ଷମ ହେବେ"। ଏହି ଅବସରରେ ଡଃ ଅରବିନ୍ଦ କୁମାର ପାଢୀ, ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ କହିଥିଲେ ଯେ "ଓଡିଶାର କୃଷି କ୍ଷେତ୍ର ନବସୃଜନ, ଅନ୍ତର୍ଭୁକ୍ତିକରଣ ଏବଂ ସ୍ଥିରତାର ପୃଷ୍ଠଭୂମି ଉପରେ ଦଣ୍ଡାୟମାନ। ଯେହେତୁ ଆଜି, ଆମେ ଭବିଷ୍ୟତ ରଣନୀତି ଉପରେ ବିଚାର ବିମର୍ଶ କରୁଛୁ, ଆସନ୍ତୁ, ଏହି ସବୁ ସଫଳତାର ମାପକାଠି ଉପରେ ଧ୍ୟାନ ଦେବା ଏବଂ ପ୍ରତ୍ୟେକ ଚାଷୀ ଯେପରି ଲାଭବାନ ହେବେ ତାହା ସୁନିଶ୍ଚିତ କରିବା। ସାମୂହିକ ଭାବେ ଚେଷ୍ଟା ଦ୍ୱାରା ଆମେ ଓଡ଼ିଶାକୁ କୃଷି କ୍ଷେତ୍ରରେ ସ୍ଥାୟୀ ତଥା ସମୃଦ୍ଧ କରି ଗଢିତୋଳିବା।" ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ର ଦକ୍ଷିଣ-ଏସିଆ ନିର୍ଦ୍ଦେଶକ ଡଃ. ସହିଦୁର ରସିଦ କହିଛନ୍ତି, "ଏହି ଗୋଲଟେବୁଲ ଓଡ଼ିଶାରେ ଥିବା ଅସୁବିଧା ଗୁଡିକର ସମାଧାନ ଏବଂ ସାମଗ୍ରିକ କୃଷି ଅଭିବୃଦ୍ଧି ପାଇଁ ସୁଯୋଗ ପ୍ରଦାନ କରିବ।"

### ବିଜେପି ସାଂସଦଙ୍କୁ ଆକ୍ରମଣ ପ୍ରତିବାଦରେ ବିଜେପିର ବିକ୍ଷୋଭ

# ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର



**ଭୁବନେଶ୍ୱର,୨୧।୧୨ (ମହାଭାରତ):** ବିଜେପିର ବରିଷ୍ଠ ନେତା ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଫରୁଖାବାଦ ସାଂସଦ ମୁକେଶ ରାଜପୁତଙ୍କୁ କଂଗ୍ରେସର ତଥାକଥିତ ବା ସ୍ୱଘୋଷିତ ଯୁବନେତା ରାହୁଲ ଗାନ୍ଧୀ ସଂସଦ ସମ୍ମୁଖରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଏହି ଘଟଣାକୁ ସାରାଦେଶ ନିନ୍ଦା କରିଛି। ଏହାଦ୍ୱାରା ୭୫ ବର୍ଷ ପୂର୍ତ୍ତି କରିଥିବା ଆଧୁନିକ ଭାରତର ଗଣତନ୍ତ୍ରର ଛବି ଆଜି ସାରା ବିଶ୍ୱରେ ଖରାପ ହୋଇଛି। ଏହାର ପ୍ରତିବାଦ କରି ବିଜେପି କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର ପାୱାର ହାଉସ ଛକ ନିକଟରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଗଣବିକ୍ଷୋଭ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି ଯେ, ଗତକାଲି ପବିତ୍ର ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯେପରି ଆଚରଣ ପ୍ରଦର୍ଶିତ କରି ଗୁଣ୍ଡାଗର୍ଦ୍ଦି କଲେ ତାହାକୁ ଯେତେ ନିନ୍ଦା କଲେ କମ୍ ହେବ। ତାଙ୍କ ଯୋଗୁ ଓଡ଼ିଶାର ସାଂସଦ ଶ୍ରୀ ଷଡ଼ଙ୍ଗୀ ଆହତ ହୋଇ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ସଂସଦରେ ବିଜେପିର ୨ ଜଣ ସାଂସଦଙ୍କୁ ରକ୍ତାକ୍ତ କରି ରାହୁଲ ଗାନ୍ଧୀ ଯେଉଁ ରକ୍ତର ଛିଟା ପକାଇଲେ ଏହା ଇତିହାସରେ ଲିପିବଦ୍ଧ ହୋଇ ରହିବ। ତାଙ୍କର ଏହି ଆକ୍ରମଣ କେବଳ ଜନପ୍ରତିନିଧିଙ୍କ ଉପରେ ନୁହେଁ ବରଂ ଗଣତନ୍ତ୍ର ମନ୍ଦିର ଉପରେ ଆକ୍ରମଣ। ଏହି ଘଟଣା ନିର୍ବାଚିତ ପ୍ରତିନିଧିଙ୍କ ସୁରକ୍ଷା ପ୍ରତି ଏକ ବିପଦପୂର୍ଣ୍ଣ ସଂକେତକୁ ଆହ୍ୱାନ କରୁଛି। ଓଡ଼ିଆ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଉପରେ ଏହି ଆକ୍ରମଣ ଓଡ଼ିଆ ଲୋକଙ୍କ ଭାବନାକୁ ଗଭୀର ଭାବରେ ଆଘାତ ଦେଇଛି। ଏପରି ଅସମ୍ମାନକୁ ଓଡିଶା କେବେବି ସହ୍ୟ କରିବ ନାହିଁ। କଂଗ୍ରେସ ଦଳର କାର୍ଯ୍ୟ ଏବଂ ଭାଷଣବାଜି ବିଭାଜନକାରୀ ଏବଂ ହିଂସାତ୍ମକ ରାଜନୀତିର ଇତିହାସକୁ ଏହା ପ୍ରତିଫଳିତ କରେ। ଏହାର ପ୍ରତିବାଦ କରି ଗତକାଲି ଯୁବମୋର୍ଚ୍ଚା ତରଫରୁ ରାହୁଲ ଗାନ୍ଧୀଙ୍କର କୁଶପୁତଳିକା ଦାହ କରାଯାଇଥିବା ବେଳେ ଆଜି ବିଜେପି କାର୍ଯ୍ୟକର୍ତ୍ତାମାନେ ଗଣାଧାରଣା ଦେଇଛନ୍ତି। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ରାଜ୍ୟପାଳଙ୍କୁ ଅବଗତ କରାଯାଇଛି ଯେ, ଏଭଳି କାର୍ଯ୍ୟ କରି କଂଗ୍ରେସ ଦଳ ଭାରତବର୍ଷର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛି। ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ବଦଳରେ ଉପହାସ କରାଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଛବି ମଲ୍ଲିକ, ବାବୁ ସିଂ, ପ୍ରକାଶ ଚନ୍ଦ୍ର ସେଠୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ବରିଷ୍ଠ ନେତା ଅରବିନ୍ଦ ଢ଼ାଲି, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜେନ୍ଦ୍ର ପଣ୍ଡା, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ମହେଶ୍ୱର ମହାନ୍ତି, ମୁରଲୀ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃମହାବିଦ୍ୟାଳୟ ଯୋଗ ପ୍ରତିଯୋଗିତା

**ଭୁବନେଶ୍ୱର,୨୧।୧୨ (ମହାଭାରତ):** ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆନ୍ତ ମହାବିଦ୍ୟାଳୟ ସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଉପାଧ୍ୟକ୍ଷ ଡ.ପ୍ରଣବ କିଶୋର ମହାନ୍ତି, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ଡ.ପ୍ରିୟବ୍ରତ ମହାନ୍ତି, ଡ.ପୂର୍ଣ୍ଣଚନ୍ଦ୍ର ବୈଶାଖ ଓ ବ୍ରଜକିଶୋର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ସମସ୍ତଙ୍କ ଉତ୍ତୋରତର କାମନା କରିଥିଲେ। ପ୍ରତିଯୋଗିତାରେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରର କୃଷ୍ଣଚନ୍ଦ୍ର ଜାନି, ଖ୍ରୀଷ୍ଟ ମହାବିଦ୍ୟାଳୟ କଟକର ସମ୍ପିତ ପରିଡା, ଆଦିତ୍ୟ ପରିଡା, ସଙ୍ଗିତା ପରିଡା, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପୁରୀର ପପୁ ବେହେରା,ପତିତପାବନ, ଆରାଧନା, ବିଶ୍ୱରୂପା କଲ୍ୟାଣୀ ପଟ୍ଟନାୟକ, ଡେରାବିଶ ମହାବିଦ୍ୟାଳୟର ଶୁଭଶ୍ରୀ ସରିତା ରାଉତ, ସ୍ଥିତପ୍ରଜ୍ଞା ମହାନ୍ତି, ସ୍ମୃତି ମଲିକ ଏବଂ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଶୁଭଶ୍ରୀ ପଣ୍ଡା ପ୍ରମୁଖ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିଲେ। ରେଫରୀ ଭାବେ ଚନ୍ଦ୍ରକାନ୍ତ ବାରିକ, ସ୍ନେହାସିନୀ ମହାନ୍ତି, ଭଞ୍ଜକିଶୋର ଜାଲି ଯୋଗଦେଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଡ.ପ୍ରବୀର ମହାନ୍ତି ଉପସ୍ଥିତ ଥିଲେ। ପିଏନ କଲେଜ ଖେଳ ଅଧ୍ୟାପିକା ସନ୍ଧ୍ୟା ରଥ ଓ ଅଧ୍ୟାପକ ଶେଖ୍ ସିରାଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଜୀବନରେ ହାସ୍ୟରସ ଆଲୋଚନାଚକ୍ର

**ଭୁବନେଶ୍ୱର,୨୧।୧୨ (ମହାଭାରତ):** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀଭବନ ପରିସରରେ ହ୍ୟୁମର ଇନ ଲାଇଫ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା ନବରଙ୍ଗପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ରାଧାନାଥ ବେହେରା ଯୋଗଦେଇ ଜୀବନରେ ହାସ୍ୟରସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଡ.ବିନ୍ଦୁଶ୍ରୀ ମିଶ୍ର, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମେଜର କ୍ଷୀରୋଧ ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ଡ. ପ୍ରଣବ କିଶୋର ମହାନ୍ତି, ଡ. ପ୍ରିୟବ୍ରତ ମହାନ୍ତି, ଡ.ଲଡୁକେଶ ପ୍ରସାଦ ମିଶ୍ର, ଡ. ନନ୍ଦିତା ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣୀବିହାର ୮୯' ବ୍ୟାଚ ଛାତ୍ରସଂଘର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୧।୧୨ (ମହାଭାରତ):** ୧୯୮୯ ମସିହାରେ ବାଣୀବିହାରରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିବା ସମସ୍ତ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସେହି ବର୍ଷ ଗଠିତ ବାଣୀବିହାର ୮୯' ପୁରାତନ ଛାତ୍ର ସଂସଦ ଚଳିତ ବର୍ଷ ଏହାର ୩୫ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୨୦୧୪ ମସିହାରେ ଆୟୋଜିତ ରୌପ୍ୟ ଜୟନ୍ତୀ ସମାରୋହ ପର ଠାରୁ ଦେଶବିଦେଶରେ ଅବସ୍ଥାପିତ ଏହି ବ୍ୟାଚର ଶତାଧିକ ଛାତ୍ରଛାତ୍ରୀ ଅନୁଷ୍ଠାନ ସହ ସଂଯୁକ୍ତ ହୋଇ ବର୍ଷ ବ୍ୟାପି ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିଛନ୍ତି। ଚଳିତ ଡିସେମ୍ବର ମାସ ୨୯ ତାରିଖରେ ବାଣୀବିହାରସ୍ଥିତ ଏମ୍.କେ.ସି.ଜି. ପ୍ରେକ୍ଷାଳୟରେ ବାଣୀବିହାର ୮୯ ପୁରାତନ ଛାତ୍ର ସଂସଦର ୩୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହେବ ବୋଲି ସଂସଦର ଆବାହକ ଡ. ଗଣେଶ୍ୱର ଜେନା ସୂଚନା ଦେଇଛନ୍ତି। ବାଣୀବିହାର ୮୯' ପୁରାତନ ଛାତ୍ର ସଂସଦର ସଦସ୍ୟ ତଥା ଓଡ଼ିଶା ସରକାରର ମାନ୍ୟବର ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଜଗତସିଂହପୁରର ଲୋକସଭା ସାଂସଦ ବିଭୁପ୍ରସାଦ ତରାଇ ଏହି ଉତ୍ସବରେ ଅତିଥି ଭାବେ ଯୋଗଦେବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି।

# ଓଡ଼ିଶୀ ନୃତ୍ୟ ପରିବେଷଣ କଲେ ଆମେରିକାର ନୃତ୍ୟଶିଳ୍ପୀ

**ଭୁବନେଶ୍ୱର,୨୧।୧୨ (ମହାଭାରତ):** ଓଡ଼ିଶାର ନୃତ୍ୟ ପରମ୍ପରା ହେଉଛି କାଳଜୟୀ। ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଏବଂ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟରେ ପ୍ରତିବିମ୍ବିତ ହୁଏ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ଓଡ଼ିଆ ଅସ୍ମିତା। ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଏବଂ ବିଭିନ୍ନ ଲୋକନୃତ୍ୟ ପାଇଁ ଆମେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଓଡ଼ିଶାର ବିଭିନ୍ନ ନୃତ୍ୟର ବହୁଳ ପ୍ରଚାର-ପ୍ରସାର ଏବଂ ସାଂସ୍କୃତିକ ଭାବ ବିନିମୟ ନିମନ୍ତେ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ହୋଇଛି ଦ୍ୱିତୀୟ ପ୍ରବାସୀ ନୃତ୍ୟ ସଙ୍ଗମ କାର୍ଯ୍ୟକ୍ରମ। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ଆମେରିକା ସ୍ଥିତ 'ନୃତ୍ୟସାଧନା' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଆଜି ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ 'ଉତ୍କଳ ରଙ୍ଗମ 'ରେ ଅନୁଷ୍ଠିତ ହୋଇଯାଇଛି 'ଦ୍ୱିତୀୟ ପ୍ରବାସୀ ନୃତ୍ୟ ସଙ୍ଗମ' କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ଆମେରିକା ସ୍ଥିତ ନୃତ୍ୟସାଧନା ଅନୁଷ୍ଠାନର ଓଡ଼ିଶୀ ନୃତ୍ୟଶିଳ୍ପୀ ମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଦଳଗତ ଓଡ଼ିଶୀ ନୃତ୍ୟ ଆଜିର କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

# ଭଦ୍ରକ ରେଳ ଷ୍ଟେସନ ୟାର୍ଡ୍ ପୁନଃନିର୍ମାଣ କାର୍ଯ୍ୟ ଶେଷ




**ଭୁବନେଶ୍ୱର,୨୧।୧୨ (ମହାଭାରତ):** ପୂର୍ବତଟ ରେଳପଥ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭଦ୍ରକ ରେଳ ଷ୍ଟେସନରେ ପ୍ରମୁଖ ୟାର୍ଡ୍ ପୁନଃ ନିର୍ମାଣ କାର୍ଯ୍ୟକୁ ସଫଳତାର ସହିତ ସମାପ୍ତ କରିଛି। ଯାହା ଷ୍ଟେସନର ଆଧୁନିକୀକରଣ ପ୍ରୟାସରେ ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏହି କାର୍ଯ୍ୟ, କୌଣସି ବିଳମ୍ବ କିମ୍ବା ଅତିରିକ୍ତ ସମୟ ଆବଶ୍ୟକ ନକରି ସମାପ୍ତ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହି ପ୍ରକଳ୍ପ କାର୍ଯ୍ୟ ସମୟରେ କୌଣସି ଅତିରିକ୍ତ ଟ୍ରେନ୍ ବାତିଲ୍ ହୋଇନଥିଲା ଏବଂ ସାଧାରଣ ସ୍ଥିରୀକୃତ କାର୍ଯ୍ୟସୂଚୀ ଅନୁଯାୟୀ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଭଦ୍ରକ୍ ରେଳ ଷ୍ଟେସନର ପୁନଃନିର୍ମାଣରେ ବିଭିନ୍ନ ପ୍ଲାଟଫର୍ମ ଅପଗ୍ରେଡ୍, ବର୍ଦ୍ଧିତ ଟ୍ରେନ୍ ଚଳାଚଳ ପାଇଁ ଅତିରିକ୍ତ ଲାଇନ ଏବଂ ଭଦ୍ରକ ଏବଂ ରାଣୀତାଲ ରେଳ ଷ୍ଟେସନ ମଧ୍ୟରେ ତୃତୀୟ ଲାଇନର କାର୍ଯ୍ୟ କାର୍ଯ୍ୟକ୍ଷମ ସମେତ ବିଭିନ୍ନ ପ୍ରମୁଖ ଉନ୍ନତି କାରଣ କାର୍ଯ୍ୟ ସଂଯୋଗ କରାଯାଇଥିଲା। ବର୍ଦ୍ଧିତ ଟ୍ରାଫିକ୍ ପରିଚାଳନା, ଟ୍ରେନ୍ ବିଳମ୍ବକୁ ହ୍ରାସ କରିବା ଏବଂ ସାମଗ୍ରିକ ଷ୍ଟେସନ୍ କାର୍ଯ୍ୟକାରିତାକୁ ଉନ୍ନତ କରିବା ପାଇଁ ଏହି ଉନ୍ନତିଗୁଡିକ ପରିକଳ୍ପନା କରାଯାଇଛି। ଅଧିକ ଟ୍ରେନ୍ ରହିବା ଏବଂ ଷ୍ଟେସନରେ ଯାତ୍ରୀ ପ୍ରବାହକୁ ସହଜ କରିବା ପାଇଁ ଏକ ନୂତନ ପ୍ଲାଟଫର୍ମ ସଂଯୋଗ କରାଯାଇଛି। ଟ୍ରେନର କାର୍ଯ୍ୟକ୍ଷମତା ଏବଂ ଟ୍ରେନ୍ ଚଳାଚଳ କ୍ଷେତ୍ରରେ କାର୍ଯ୍ୟସୂଚୀକୁ ଉନ୍ନତ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ଲାଇନ ସଂଯୋଗ କରାଯାଇଛି। ଭଦ୍ରକ ଏବଂ ରାଣୀତାଲ ମଧ୍ୟରେ ତୃତୀୟ ଲାଇନର କାର୍ଯ୍ୟକ୍ଷମ ଯୋଗୁଁ ଭଦ୍ରକ ଷ୍ଟେସନକୁ ଆସୁଥିବା ଟ୍ରେନ୍ ମାନଙ୍କର ପରିଚାଳନା ପାଇଁ ଷ୍ଟେସନର କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରାଯାଇଅଛି ଯାହାକି ଆଖପାଖ ଷ୍ଟେସନରେ ଟ୍ରେନ ଗୁଡିକର ନିୟନ୍ତ୍ରଣ ହ୍ରାସ କରିଛି। ଏହି ପ୍ରକଳ୍ପର ସଫଳ ସମାପ୍ତି ଭାରତୀୟ ରେଳବାଇର ଯାତ୍ରୀମାନଙ୍କ ପାଇଁ ଭିତ୍ତିଭୂମି ତଥା ସେବା ଗୁଣବତ୍ତା ବୃଦ୍ଧି ପାଇଁ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ସାର୍ବଜନୀନ କରିବା ସର୍ଗିଫୁଲ ଉତ୍ସବର ଉଦ୍ଦେଶ୍ୟ



**ଭୁବନେଶ୍ୱର,୨୧।୧୨ (ମହାଭାରତ):** ଉଦଯାପିତ ହୋଇଯାଇଛି ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ, ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଏସସିଏସଟି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଛନ୍ତି। ଅନ୍ୟାନ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ ସ୍ୱାଗତ ଅଭିଭାଷଣ ରଖି ଉତ୍ସବର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନ୍ୟାନ୍ୟ ପଛୁଆ ବର୍ଗ ନିର୍ଦ୍ଦେଶକ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ, ଏଟିଏଲସି ସହନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆ, ଉପନିର୍ଦ୍ଦେଶକ ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ସନ୍ଧ୍ୟାରେ ଯୋଗ ଦେଇ ମନ୍ତ୍ରୀ ପିଲାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସଫଳ ଭବିଷ୍ୟତ କାମନା କରିଛନ୍ତି। ସେ କହିଛନ୍ତି, 'ର୍ସଗିଫୁଲ' ପବିତ୍ରତାର ପ୍ରତୀକ। ଜନଜାତି ସମାଜର ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବିକାଶର ପ୍ରତୀକ ହିସାବରେ "ର୍ସଗିଫୁଲ୍'' ପରିଚିତ। ଏହି ଉତ୍ସବରେ ପିଲାମାନଙ୍କ ଅଂଶଗ୍ରହଣ ଏହାକୁ ଅଧିକ ପ୍ରାଣବନ୍ତ ଓ ଗରିମାମୟ କରିଛି ବୋଲି ସେ ମତପ୍ରକାଶ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି, ବିଭାଗ ଅଧିନସ୍ଥ ବିଦ୍ୟାଳୟ ତଥା ଛାତ୍ରାବାସରେ ରହି ପାଠପଢୁଥିବା କୋମଳମତି ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ସାର୍ବଜନୀନ କରିବା ଓ ସେମାନଙ୍କ ଦକ୍ଷତାକୁ ବିକଶିତ କରିବା ଏହି ଉତ୍ସବ ପାଳନର ଉଦ୍ଦେଶ୍ୟ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ୧୨ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସିବିଏସଇ ବୋର୍ଡ଼ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୮ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଏକ ସ୍ୱତନ୍ତ୍ର ସ୍ମରଣିକା 'ସର୍ଗିଫୁଲ ୨୦୨୪' କୁ ମନ୍ତ୍ରୀ ଉନ୍ମୋଚନ କରିବା ସହ ସମ୍ପାଦକ ବରିଷ୍ଠ ପ୍ରଫେସର ଦାଶ ବେନୁହୁର ଓ ଏଟିଏଲସି ସହ ନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରାଜ୍ୟପାଳଙ୍କୁ ଭେଟିଲେ ଅର୍ଥ ସେବା ପ୍ରୋବେସନର

# ନୈତିକତା, ସାଧୁତା ଓ କର୍ତ୍ତବ୍ୟ ପରାୟଣତାକୁ ସର୍ବଦା ଗୁରୁତ୍ୱ ଦିଅ



**ଭୁବନେଶ୍ୱର,୨୧।୧୨ (ମହାଭାରତ):** ଚାକିରୀ ଜୀବନରେ ବିଭିନ୍ନ ସମୟରେ ଅନେକ ପ୍ରକାରର ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ଏହାକୁ ସଫଳଭାବେ ମୁକାବିଲା ପାଇଁ ଦୃଢ଼ ଇଚ୍ଛାଶକ୍ତି ସହିତ ନିଜ ମଧ୍ୟରେ ନୈତିକତା, ସାଧୁତା ଓ କର୍ତ୍ତବ୍ୟ ପରାୟଣତାକୁ ସର୍ବଦା ପ୍ରାଧାନ୍ୟ ଦେବା ଉପରେ ରାଜ୍ୟପାଳ ରଘୁବର ଦାସ ଗୁରୁତ୍ୱରୋପ କରିଛନ୍ତି।

ଆଜି ରାଜଭବନର ଅଭିଷେକ ହଲ୍‌ଠାରେ ମଧୁସୂଦନ ଦାସ ରିଜିଓନାଲ ଏକାଡ଼େମୀ ଅଫ୍ ଫାଇନାନ୍‌ସିଆଲ ମ୍ୟାନେଜମେଂଟରେ ପ୍ରଶିକ୍ଷଣ ଲାଭ କରୁଥିବା ଓଡ଼ିଶା ଅର୍ଥ ସେବା ୨୦୨୧ ବ୍ୟାଚ୍‌ର ୪୮ଜଣ ପ୍ରୋବେସନରଙ୍କୁ ଉଦ୍‌ବୋଧନ ଦେବା ଅବସରରେ ରାଜ୍ୟପାଳ ଅର୍ଥ ଉପରେ ରାଜ୍ୟର ବିକାଶ ନିର୍ଭର କରୁଛି ଓ ରାଜ୍ୟ ଅର୍ଥ ସେବାର ଅଧିକାରୀ ଭାବେ ସେମାନଙ୍କର ଏକ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଏହାକୁ ସୁଚାରୁରୂପେ ନିର୍ବାହ କରିବା ପାଇଁ ନିୟମ କାନୁନ୍ ସଂପର୍କରେ ଅଧିକ ଜ୍ଞାନ ହାସଲ ସହିତ ସ୍ୱଚ୍ଛତା ଓ ସଚ୍ଚୋଟତା ଓ ସତର୍କତା ଅବଲମ୍ବନ କରି କୌଣସି ପ୍ରକାର ଅନିୟମିତତାକୁ ପ୍ରଶୟ ନଦେବାକୁ ତଥା ରାଜ୍ୟର ସ୍ୱାର୍ଥ ସହିତ କୌଣସି ପ୍ରକାର ସାଲିସ୍ ନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ନିଜର ଜ୍ଞାନର ପରିସରକୁ ଓ ଦକ୍ଷତାକୁ ବଢ଼ାଇବା ପାଇଁ ଅଧ୍ୟୟନ ଓ ଅନୁଧ୍ୟାନକୁ ଗୁରୁତ୍ୱ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ରାଜ୍ୟର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରି ବିକଶିତ ଓଡ଼ିଶା ଗଠନରେ ସେମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ରାଜ୍ୟପାଳ କହିଥିଲେ। ନୂତନ ବର୍ଷଠାରୁ ନୂତନ ଦାୟିତ୍ୱ ଗ୍ରହଣ କରୁଥିବାରୁ ରାଜ୍ୟପାଳ ପ୍ରୋବେସନର୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଓ ସଫଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ ନିଜ ଉଦ୍‌ବୋଧନରେ ପ୍ରୋବେସନର୍‌ମାନଙ୍କୁ ଟେକ୍ନୋଲୋଜିର ବହୁଳ ବ୍ୟବହାର ପାଇଁ ପରାମର୍ଶ ଦେବା ସହିତ କାର୍ଯ୍ୟକୁ ସରଳ, ଶୀଘ୍ର ଏବଂ ସଠିକ୍ ଢ଼ଙ୍ଗରେ କରିବା ପାଇଁ ଟେକ୍ନୋଲୋଜି ସଂପର୍କିତ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ ସର୍ବଦା ଚେଷ୍ଟିତ ରହିବାକୁ କହିଥିଲେ। ପ୍ରାରମ୍ଭରେ ମଧୁସୂଦନ ଦାସ ଆଂଚଳିକ ବିତ୍ତୀୟ ପରିଚାଳନା ଏକାଡ଼େମୀର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଏକାଡ଼େମୀର କାର୍ଯ୍ୟଧାରା ସହିତ ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣର ବିବିଧ ଦିଗ ସଂପର୍କରେ ସୂଚନା ସହିତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ।

# ରେଳ ନେଟୱର୍କ

ଓଡ଼ିଶାରେ ରେଳ ନେଟୱର୍କ ବିକଶିତ ଏବଂ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି । ଯାତ୍ରୀ ପରିବହନ ସହ କଣିଜ ସାମଗ୍ରୀ ପରିବହନରେ ଏହା ବିଶେଷ ସହାୟକ ହୋଇପାରିବ । ତେବେ ନୂଆ ପ୍ରକଳ୍ପ ଶେଷ ହେବାକୁ କେତେ ବର୍ଷ ଲାଗିବ ତାହା ସବୁଠାରୁ ବଡ଼ କଥା । କାରଣ ରେଳ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ହେଉଛି ସବୁଠାରୁ ବଡ଼ ସମସ୍ୟା । ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଜଙ୍ଗଲରେ ପରିପୂର୍ଣ୍ଣ । ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ମଞ୍ଜୁରୀ କେବେ ମିଳିବ ତାହା ଦେଖିବାର କଥା । ସେହିପରି ସାଧାରଣ ଜନତା ମଧ୍ୟ ପ୍ରକଳ୍ପ ପାଇଁ ନିଜ ଜମି ଛାଡ଼ିବାକୁ ନାରାଜ ହେଉଛନ୍ତି । ତେଣୁ ଖାଲି ପ୍ରକଳ୍ପର ଶିଳାନ୍ୟାସ କରିଦେଲେ ଆପେ ଆପେ ଏହା କାର୍ଯ୍ୟକାରୀ ହୋଇଯିବ ବୋଲି ଭାବିବା ଭୁଲ । ଏଥିପାଇଁ ନିୟମିତ ଉଦ୍ୟମ ଜାରି ରଖିବାକୁ ପଡ଼ିବ । ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ପ୍ରକଳ୍ପ ଆରମ୍ଭ ହେବାର ଅନେକ ବର୍ଷ ବିତିଗଲାଣି । କିନ୍ତୁ ଏହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲାନି । କାରଣ ଏବେ ବି ପୁରା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହୋଇପାରିଲାନି । ମୟୂରଭଞ୍ଜ ଜିଲ୍ଲାରେ ପ୍ରସ୍ତାବିତ ରେଳପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ତାହା କହିବା ମୁସ୍କିଲ । କିନ୍ତୁ ଥରେ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ ହେବା ଅର୍ଥ ଏହା ନିଶ୍ଚିତ ଭାବେ ଦିନେ ଶେଷ ହେବ । ଏବେ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି ସରକାର । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି । ସେ ମଧ୍ୟ ଜଣେ ଦକ୍ଷ ମନ୍ତ୍ରୀ । ତାଙ୍କ ସମୟରେ ଓଡ଼ିଶାରେ ନୂଆ ରେଳପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ଯଥାସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଆଶା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏଥିଲାଗି ସବୁ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦଇଛନ୍ତି । ଦେଶର ବିକାଶରେ ଭିତ୍ତିଭୂମି ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଧାନମନ୍ତ୍ରୀ ମୋଦି ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନା ଆରମ୍ଭ କରିଛନ୍ତି । ରାଷ୍ଟ୍ରପତି ମୟୂରଞ୍ଜର ଝିଅ । ତେଣୁ ସେ ନିଶ୍ଚିତ ଭାବେ ଏହି ପ୍ରକଳ୍ପ ଶୀଘ୍ର ଶେଷ ହେଉ ବୋଲି ଚାହିଁବା ସ୍ୱାଭାବିକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଓଡ଼ିଶାର ବିକାଶ ନିମନ୍ତେ କେନ୍ଦ୍ରରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପାଉଛନ୍ତି । ଜଣେ ନିଷ୍ଠାପର ବ୍ୟକ୍ତି ଭାବେ ପରିଚିତ ମୋହନ ଚରଣ ମାଝୀ ନୂଆ ରେଳପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରୟାସ କରିବା ଆଶା ରହିଛି । ନିକଟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ମହତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ତାଙ୍କ କହିବାନୁଯାୟୀ ଚଳିତ ବର୍ଷ ଓଡ଼ିଶାକୁ ରେଳବଜେଟରେ ୭୩ ହଜାର କୋଟି ଟଙ୍କା ମିଳିଛି । ରେଳବଜେଟରେ ଓଡ଼ିଶା ପାଇଁ ଏହା ସର୍ବାଧିକ ବ୍ୟୟ ବରାଦ । ଆଗାମୀ ବଜେଟରେ ଏହାଠାରୁ ମଧ୍ୟ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା । ଗୋଟିଏ ବାକ୍ୟରେ କହିଲେ ୨୦୧୪ପରଠାରୁ ଓଡ଼ିଶାରେ ରେଳବିକାଶର ଏକ ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଧନ୍ୟବାଦର ପାତ୍ର । ଓଡ଼ିଶାର ବିକାଶ ନିମନ୍ତେ ତାଙ୍କର ଉଦ୍ୟମ ଅତୀତରେ କୌଣସି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟରେ ଅନୁଭବ କରାଯାଇନଥିଲା । ସ୍ୱାଧୀନତା ପରେ ଓଡ଼ିଶା ରେଳ ବିକାଶରେ ଏକ ଅତ୍ୟନ୍ତ ଅବହେଳିତ ରାଜ୍ୟ ଭାବେ ବିବେଚିତ ହୋଇଆସୁଥିଲା । ମାତ୍ର ଦୁଇ ଦଶନ୍ଧି ତଳେ ଓଡ଼ିଶାର ଅଧା ଜିଲ୍ଲାରେ ରେଳ ଲାଇନ ନଥିଲା । ଏମିତି ଲାଗୁଥିଲା ସତେ ଯେମିତି ଓଡ଼ିଶା ଦେଶର ଉତ୍ତର-ପୂର୍ବ ରାଜ୍ୟ ଭଳି ଏକ ଅବହେଳିତ ଏବଂ ଅଗମ୍ୟ ରାଜ୍ୟ । ସ୍ୱାଧୀନତା ପରେ କେନ୍ଦ୍ରରେ ଦୀର୍ଘ ବର୍ଷ ହେବ କ୍ଷମତାରେ ଥିବା କଂଗ୍ରେସ ଏଥିପାଇଁ ଅନେକାଂଶରେ ଦାୟୀ । ଓଡ଼ିଶାରୁ କଂଗ୍ରେସ ଏକଦା ୨୧ରୁ ୨୦ ଲୋକସଭା ଆସନ ଜିତୁଥିଲା ।

# କେ ନୁହେଁ ସାହା ବିପ୍ରବର, ନିଜକୁ ନିଜେ ରକ୍ଷାକର

॥ ପଙ୍କଜ କୁମାର ପାଣିଗ୍ରାହୀ ॥

> *ପ୍ରକୃତି ଆରମ୍ଭରୁ ଏହିସବୁ ଗୋଷ୍ଠୀ ମାନଙ୍କର କୌଣସି ସାମାଜିକ ଭୂମିକା ନଥାଇ ମଧ ପିଢ଼ିକୁ ପିଢ଼ି ମଣିଷ ସୃଷ୍ଟି ହୋଇ ଆଜି ଆମେ ଏହି ସମୟରେ ପହଂଚିଛେ । ଏସବୁର ଅନୁପସ୍ଥିତିରେ ଆମେ ସତେ ଯେମିତି ଅମଣିଷ ହୋଇଯିବା ବୋଲି ଯେଉଁ ଭାବନା ସୃଷ୍ଟି ହେଉଛି ମନରେ ସେହି ଭାବନା ସୃଷ୍ଟି କରୁଥିବା ମଧ ଏହି ଗୋଷ୍ଠୀ ସମୂହର ଏକ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିଥାଏ । ପାରିବାରିକ ବିଚ୍ଛେଦ ତଥା ଏକକ ପରିବାରକୁ ଖଣ୍ଡବିଖଣ୍ଡିତ କରି ସ୍ୱାର୍ଥବାଦୀ ମଣିଷ ସୃଷ୍ଟି କରିବାରେ ମଧ ଯଥେଷ୍ଟ ସହାୟକ ହୋଇଥାଏ ଏହି ଗୋଷ୍ଠିଗତ ଆନୁଗତ୍ୟ ବିଚାରଧାରା ।*

ସାଧାରଣ ଲୋକଙ୍କ ଅଜ୍ଞାନତାର ସୁଯୋଗ ନେଇ ଚତୁର କେଳେଙ୍କାରୀ ସମାଜରେ ଏମିତି ପ୍ରାଦୁର୍ଭାବ ବିସ୍ତାର କରି ରଖିଛନ୍ତି ଯାହା ସବୁ ନିର୍ମୁଳ କରିବାକୁ ହେଲେ ଅସଂଖ୍ୟ ଜ୍ଞାନୀଙ୍କୁ ଅଜସ୍ର ସମୟ ଲାଗିବ ଆଜିଠାରୁ ଚେଷ୍ଟା ଆରମ୍ଭ କଲେ ଯାହା ଚେଷ୍ଟା କରାଯିବା ତ ଦୂର, ସେକଥା କାହାର ଚେତନାରେ ହିଁ ପଶୁନାହିଁ ଅଦ୍ୟାବଧି ! କେତେବେଳେ କିଏ କୌଣସି ଅସୁବିଧାର ସମ୍ମୁଖୀନ ହେଲେ କେବଳ ଭଗବାନ ଭରସା ବୋଲି ବିଚାର କରି ଯେଉଁ ପଥ ଅନୁସରଣ କରିଥାନ୍ତି ତାହା ସମ୍ପୃକ୍ତ ମଣିଷର ବ୍ୟକ୍ତିଗତ ଭାବଧାରା ମଧରେ ସମାପ୍ତ ହୋଇଥାଏ ଯାହା ଆଉ କାହାକୁ ଅନୁଭବ ମଧ ହୁଏନାହିଁ । ନିଜେ ନିଜେ ନିଜର ସମସ୍ୟାକୁ ନେଇ ଦୁଃଖରେ କାଳାତିପାତ କରୁଛନ୍ତି ସମଗ୍ର ମଣିଷ ସମାଜ ବିଶ୍ୱବ୍ୟାପୀ । କାରଣ ଏହି ଗୋଷ୍ଠୀ ଗୁଡିକ ଦ୍ୱାରା ମଣିଷ ମାନଙ୍କୁ ଏମିତି ପଥରୁଦ୍ଧ କରି ରଖାଯାଇଅଛି ଯେ କିଏ କାହା ସହିତ ଉପଯୁକ୍ତ ଭାବର ଆଦାନ ପ୍ରଦାନ କରିବାରେ ମଧ ସମର୍ଥ ହୁଅନ୍ତି ନାହିଁ । ପରସ୍ପର ହିଂସାତ୍ମକ ଭାବ ସୃଷ୍ଟି କରି ସମାଜରେ ଶତ୍ରୁତା ଭାବ ବଜାୟ ରଖିବା ପାଇଁ ଏହି ସବୁ ଗୋଷ୍ଠୀ ମାନଙ୍କ ଏକ ସ୍ୱତନ୍ତ୍ର ଦଳ କାର୍ଯ୍ୟ କରିଥାନ୍ତି ଯିଏ ସବୁବେଳେ ଆଭ୍ୟନ୍ତରୀଣ ବିଶଦ୍‌ଭାବ ସୃଷ୍ଟି କରିବା ଦିଗରେ ଯଥେଷ୍ଟ କାର୍ଯ୍ୟରତ ରହିଥାନ୍ତି । ସେହି କାରଣରୁ ସମାଜରେ ସାଧାରଣ ଲୋକଙ୍କ ମଧରେ ଭାତୃଭାବ ନହୋଇ କେବଳ ଶତ୍ରୁତା ଆଚରଣ ସେମାନଙ୍କୁ ଅତ୍ୟନ୍ତ ପଥ ପରିଷ୍କାର କରି ରଖିଛି ତାଙ୍କର ଶାସନ ଚଳାଇବା ପାଇଁ ନିଜ ନିଜ କ୍ଷେତ୍ର ପରିସରକୁ ନେଇ ।

ଅଧିକନ୍ତୁ କେତେବେଳେ କେବଳ ସାମୂହିକ ଆଲୋଚନା କରାଗଲେ କିଛି ବୁଝି ପାରୁଥିବା ଲୋକଙ୍କ ମନ ଭାବକୁ ବୁଝି ହୁଏକି ସମସ୍ତେ ଚାହିଁ ରହିଛନ୍ତି କାଳେ କେତେବେଳେ ସେହି ପରିରାଇଜର କାହାଣୀ ଭଳି ହେଉ, କି ବିଭିନ୍ନ ଶାସ୍ତ୍ରୀୟ ମର୍ଯ୍ୟାଦାରେ ପରିପୂର୍ଣ୍ଣ କାହାଣୀ ପୁସ୍ତକରେ ରଚିତ ଭଗବାନଙ୍କ ଦୂତ କେହି ଆସି ହୁଏତ ସମାଜକୁ ବିପଥରୁ ଉଦ୍ଧାର କରିବ । କିନ୍ତୁ ଏହି ବିଚାର କେବଳ ଅଲୌକିକ ଚେତନା ମଧରେ ରହିବା ଛଡା ତାହାର କୌଣସି ସତ୍ୟ ପ୍ରମାଣ ସାପେକ୍ଷ ଘଟଣା ଘଟିବା ସମ୍ଭାବନା ଅସମ୍ଭବ ମାତ୍ର । କାରଣ କେହି କୌଣସି ସ୍ଥାନରୁ ରହି ଆମକୁ ନିୟନ୍ତ୍ରଣ କରିନଥାନ୍ତି ଯାହା ସବୁ ଆମେ ମନରେ ବିଶ୍ୱାସ ଭରି ଚାଲିଛେ । କେବଳ ଆମରି ମଧରୁ ଯଦି କେହି ସହୃଦୟ ବ୍ୟକ୍ତିଗଣ ବାହାରି ଆମକୁ ରକ୍ଷା କରିବା ଦିଗରେ କାର୍ଯ୍ୟ କରିବେ ତାହେଲେ ଯାଇ କିଛି ପରିବର୍ତ୍ତନ ହେବାଛଡା ଏହି ଅମାନୁଷିକ ବ୍ୟକ୍ତିଗଣଙ୍କ ମିଥ୍ୟା ଅଲୌକିକ ପ୍ରବଚନରେ ଭାସୁଥିବା ପର୍ଯ୍ୟନ୍ତ ଆମେ ଧିରେ ଧିରେ ନିମ୍ନ ମୁଖି ହୋଇ ପାତାଳରେ ପଶିବା ବ୍ୟତୀତ କୌଣସି ସ୍ୱର୍ଗ ଅନୁଭବ କରିବା ଭ୍ରାନ୍ତ ଚିନ୍ତନ । ତେଣୁ ନିଜକୁ ନିଜେ ସୁଧାରି ସତ୍ୟର ପଥଗ୍ରହୀ ହୋଇ ସମାଜରେ ସମସ୍ତ କେଳେଙ୍କାରୀ ମିଥ୍ୟା ପ୍ରବଚନକୁ ପ୍ରତ୍ୟାଖ୍ୟାନ ପୂର୍ବକ ନିଜର ଅନ୍ତର୍ଜ୍ଞାନ ବିସ୍ତାର କରିବାକୁ ଚେଷ୍ଟା କଲେହିଁ ସବୁକିଛି ବୁଝି ହେବ ଯାହା ଆମେ ଜାଣି ପାରୁନାହୁଁ । ଅଥବା ଏମିତି ପ୍ରତାରିତ ନିଷ୍ପେସିତ ହୋଇ ବଂଚିବା ଛଡା ମନୁଷ୍ୟ ଜୀବନର ପ୍ରକୃତ ମର୍ମକୁ ନବୁଝି ଜନ୍ମ ମରଣର ବ୍ୟବଧାନ ମଧରେ ପଥ ଅତିକ୍ରମ କରୁଥିବା ପିଢ଼ିକୁ ପିଢ଼ି । କାରଣ ଏହି ସମସ୍ତ ଗୋଷ୍ଠୀ ନିଜ ନିଜ ମଧରେ ଆପୋଷ ବୁଝାମଣା କରି ଜୀବନର ସବୁ ସମୟରେ ବିଭିନ୍ନ ସୂତ୍ରରେ ସାଧାରଣ ଲୋକଙ୍କ ରୋଜଗାରର ଅନ୍ୟୁନ ତିନି ଚତୁର୍ଥାଂଶ ଆତ୍ମସାତ କରିଥାନ୍ତି ଯଦ୍ୱାରା ସାଧାରଣ ଲୋକେ ଗରିବ ହୋଇ ରହିବା ଛଡା ଦୈନନ୍ଦିନ ଜୀବନରେ ଭଲ ଭାବେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବାକୁ ମଧ ପାଉନାହାନ୍ତି ଅଥବା ବ୍ୟକ୍ତିଗତ ସ୍ତରରେ ମାନସିକ ସମାଧାନ କରି ନିଜକୁ ନିଜେ ଆଶ୍ୱାସନା ଦେଇ ବଂଚୁଥିବା କେହି ଅସ୍ୱୀକାର କରି ପାରିବେ ନାହିଁ ।

ପ୍ରକୃତି ଆରମ୍ଭରୁ ଏହିସବୁ ଗୋଷ୍ଠୀ ମାନଙ୍କର କୌଣସି ସାମାଜିକ ଭୂମିକା ନଥାଇ ମଧ ପିଢ଼ିକୁ ପିଢ଼ି ମଣିଷ ସୃଷ୍ଟି ହୋଇ ଆଜି ଆମେ ଏହି ସମୟରେ ପହଂଚିଛେ । ଏସବୁର ଅନୁପସ୍ଥିତିରେ ଆମେ ସତେ ଯେମିତି ଅମଣିଷ ହୋଇଯିବା ବୋଲି ଯେଉଁ ଭାବନା ସୃଷ୍ଟି ହେଉଛି ମନରେ ସେହି ଭାବନା ସୃଷ୍ଟି କରୁଥିବା ମଧ ଏହି ଗୋଷ୍ଠୀ ସମୂହର ଏକ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିଥାଏ । ପାରିବାରିକ ବିଚ୍ଛେଦ ତଥା ଏକକ ପରିବାରକୁ ଖଣ୍ଡବିଖଣ୍ଡିତ କରି ସ୍ୱାର୍ଥବାଦୀ ମଣିଷ ସୃଷ୍ଟି କରିବାରେ ମଧ ଯଥେଷ୍ଟ ସହାୟକ ହୋଇଥାଏ ଏହି ଗୋଷ୍ଠିଗତ ଆନୁଗତ୍ୟ ବିଚାରଧାରା । ଏମିତିକି ଜନ୍ମ ଦେଇଥିବା ପିତା ମାତାଙ୍କୁ ଅଗ୍ରାହ୍ୟ କରି ସନ୍ତାନ ମାନେ ଅଲଗା ହୋଇ ରହିବା ଭାବନାର ମଧ ମୂଳ ସୂତ୍ରଧର ଭାବେ କାର୍ଯ୍ୟ କରିଥାଏ ଏହିସବୁ ଗୋଷ୍ଠିଗତ ଅନୁଗତ୍ୟତା ଯାହା ଏତେ ସହଜରେ ବୁଝି ହେବ ନାହିଁ । ଏସମସ୍ତଙ୍କୁ ବାଜ୍ୟାପ୍ତ କରି କିଏ ହେଲେ କୌଣସି ଗୋଷ୍ଠିଗତ ଆନୁଗତ୍ୟକୁ ଅସ୍ୱୀକାର କରି ବଂଚିବା ଶିକ୍ଷା କଲେ ଯେ ଆମର ଜୀବନ ଯାପନ ଶୈଳୀରେ ଏତେ ମାତ୍ରାରେ ଶୁଦ୍ଧି ଆସିବ ଏବଂ ସାଧାରଣ ମଣିଷ ସମୂହ ଏକ ନିରୋଳା ଜୀବନ ଯାପନ କରିବାରେ ସମର୍ଥ ହୋଇପାରିବେ ସେଇଥିରେ କୌଣସି ସନ୍ଦେହ ନାହିଁ । ଏହି ଗୋଷ୍ଠିଗତ ଆନୁଗତ୍ୟ ହେତୁ ମଣିଷ ଯେ କେବଳ ଆର୍ଥିକ ଭାରାକ୍ରାନ୍ତ, ପ୍ରତାରିତ ହୋଇ ବଞ୍ଚୁଛି ତା ନୁହେଁ । ଏମାନଙ୍କ ପ୍ରକୋପ କାରଣରୁ ସାଧାରଣ ମଣିଷଙ୍କ ମାନସିକ ଅସ୍ଥିରତା, ସାମାଜିକ ଦୁର୍ବଳତା, ହିଂସାଭାବ ଇତ୍ୟାଦି ଅମାନୁଷିକ ଆଚରଣ ଗୁଡିଏ ବୃଦ୍ଧି ହେବା ସହିତ ବିଭିନ୍ନ ରୋଗ ଗ୍ରସ୍ତ ହେବା ତଥା ଆୟୁଷ କ୍ଷୀଣ ହେବା ଭଳି ସମସ୍ୟା ମଧ ବୃଦ୍ଧି ପାଇଥାଏ ଯାହା ସାଧାରଣ ନିର୍ବୋଧ ଆଦୌ ବୁଝି ପାରନ୍ତି ନାହିଁ କି ଭାବି ମଧ ପାରିବେ ନାହିଁ । ଏହିସବୁ ଅନାବଶ୍ୟକ ମନୁଷ୍ୟକୃତ ଅପ୍ରାକୃତିକ ଜୀବନ ଶୈଳୀକୁ ଆଦରି ନେଇ ମଣିଷ କେବଳ ଭାବୁଛି ଯେ ଆମେ ସୁଖରେ ରହୁଛୁ । କିନ୍ତୁ ଥରେ ଏମାନଙ୍କ ଗୋଷ୍ଠିଗତ ଅନୁଗତ୍ୟକୁ ପ୍ରତ୍ୟାଖ୍ୟାନ କରି ଦେଖନ୍ତୁ ଜୀବନ କେତେ ସରଳ ସୁଗମ ଅନୁଭବ ହେବ ଯାହା ଉପସ୍ଥିତ ସମୟରେ ଭାବିବା ମଧ ସମ୍ଭବ ହେଉନାହିଁ । କିନ୍ତୁ ନିରାଟ ସତ୍ୟ ! ପ୍ରକୃତିର କୋଳରେ ଜନ୍ମିତ ପ୍ରାକୃତିକ ମନୁଷ୍ୟ ଯେ ଦିନେ ସବୁ ଛାଡି ମାଟିରେ ମିଶିଯିବ ଏହି ଭାବନାରୁ ଦୁରେଇ ରଖି ଏହିସବୁ ଗୋଷ୍ଠୀର ଅଜ୍ଞାନ ଚତୁର ସର୍ବସାଧାରଣଙ୍କୁ ଦିନରେ ଯେଉଁ ଜହ୍ନ ଦେଖାଉଛନ୍ତି ସେଗୁଡିକ ବର୍ଜନୀୟ ନିଶ୍ଚୟ ଯଦି ଆମେ ପ୍ରକୃତ ମନୁଷ୍ୟ ଜୀବନର ସ୍ୱାଦକୁ ଅନୁଭବ କରିବାକୁ ଇଚ୍ଛୁକ । ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ଏହି ଗୋଷ୍ଠିଗତ ଆନୁଗତ୍ୟକୁ ପ୍ରତ୍ୟାଖ୍ୟାନ କରି ଏକ ସାମାଜିକ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରି ନିଜକୁ ନିଜେ ରକ୍ଷା କରିବା ବ୍ୟତୀତ କୌଣସି ଭଗବାନ ଆମକୁ ରକ୍ଷା କରି ପୃଥିବୀ ପୃଷ୍ଠରେ ସୁଖ ଶାନ୍ତି ଫେରାଇ ଆଣିବେ ବୋଲି ଭାବନା କେବଳ ଭାବନା ମଧରେ ରହିବା ଛଡା ଆଦୌ ଫଳପ୍ରଦ ହେବନାହିଁ ଜନ୍ମ ଜନ୍ମ ଧରି ଗ୍ରହଣ କରିଚାଲିଥିଲେ ମଧ । ତେଣୁ ହେ ମନୁଷ୍ୟ ସମାଜ ସମସ୍ତେ ଏକ ହୋଇ ଏହି ଗୋଷ୍ଠିଗତ ଆନୁଗତ୍ୟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ପୂର୍ବକ କେବଳ ସାଧାରଣ ମଣିଷ ସମାଜ ଗଠନ କରିବା ଦିଗରେ ଏକତ୍ରିତ ହୋଇ କାର୍ଯ୍ୟ କରନ୍ତୁ ଯାହା ଆମକୁ ହୁଏତ ଟିକେ କଷ୍ଟରେ ହେଲେ ମଧ କିଛି ଦିନ ମଧରେ ସୁଖ ଶାନ୍ତି ଫେରାଇ ଆଣିବାରେ ସାହାଯ୍ୟ କରିପାରେ ଯାହା ପୃଥିବୀରେ ମନୁଷ୍ୟ ସୃଷ୍ଟି ହେବା ସମୟରେ ଥିଲା । ନତୁବା କେହି ଆମକୁ ରକ୍ଷା କରିପାରିବେ ନାହିଁ ଯାହା ଆସନ୍ତା ସମୟରେ ପ୍ରକୃତିର ସମୟ ପୂର୍ବରୁ ସମଗ୍ର ମଣିଷ ସମାଜ ବିଲୁପ୍ତ ହେବ ।

ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

# ଚୀନର ବିସ୍ତାରବାଦୀ ନୀତି

॥ ଡ.ସମନ୍ୱୟ ନନ୍ଦ ॥

ଭାରତରେ ଜି-୨୦ ଦେଶର ମାନଙ୍କର ଶିଖର ସମ୍ମିଳନୀ ହେବାର ଠିକ ପୂର୍ବରୁ ଚୀନ ତାର ହରକତକୁ ପୁଣି ଥରେ ଦୋହରାଇଛି । ଚୀନ ପୁଣି ଥରେ ଏକ କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚିନକୁ ତାର ବୋଲି ଦର୍ଶାଇଛି । ଚୀନ କମ୍ୟୁନିଷ୍ଟ ପାର୍ଟିର ସରକାରୀ ପ୍ରପାଗଣ୍ଡା କରୁଥିବା ସମ୍ବାଦ ପତ୍ର ଜରିଆରେ ଚୀନ ଏହି କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ସେ କେବଳ ଭାରତର କିଛି ଅଂଶକୁ ନିଜର ବୋଲି କହି ଦାବି କରି ନାହିଁ ବରଂ ଅନ୍ୟ ଦେଶ ମାନଙ୍କର ଅଂଶ ଗୁଡିକୁ ମଧ ନିଜର ବୋଲି ଦାବି କରିଛି ।

ଚୀନ ଏଭଳି ହରକତ ପ୍ରଥମ ଥର ପାଇଁ କରିଛି ତାହା ନୁହେଁ । ଚୀନ ଉପରେ ନଜର ରଖୁଥିବା ଲୋକ ମାନେ ଭଲ ଭାବେ ଜାଣନ୍ତି ଏହା କମ୍ୟୁନିଷ୍ଟ ଚୀନର ପୁରୁଣା ରଣନୀତି । ଚୀନ ପୂର୍ବରୁ ବାରମ୍ବାର ମଝିରେ ମଝିରେ ଏଭଳି ମାନଚିତ୍ର ମାନ ଜାରୀ କରି ଅନ୍ୟ ଦେଶର ଅଂଶ ଗୁଡିକୁ ନିଜର ବୋଲି ଦାବି କରିଥାଏ ।

ଚୀନ ଉପରେ ମାଓଙ୍କ ଲାଲ ସେନାର କବଜା ହେବା ପରେ ହିଁ ଚୀନ ତାର ରଙ୍ଗ ଦେଖାଇବା ଆରମ୍ଭ କରିଥିଲା । ଚୀନ ପ୍ରଥମେ ତିବତକୁ ହଡପ କରି ନେଇଥିଲା । ତିବତକୁ ଜୋର ଜବରଦସ୍ତି ଅଧିକାର କରିବା ବେଳେ ଭାରତକୁ ଏହାର ବିରୋଧ କରିବାର ଥିଲା । କାରଣ ସୁରକ୍ଷା ଦୃଷ୍ଟିରୁ ତିବତ ସ୍ୱାଧୀନ ହୋଇ ରହିବା ଭାରତ ପାଇଁ ଜରୁରୀ ଥିଲା । ମାତ୍ର ସେତେବେଳର ଭାରତର ନେତୃତ୍ୱ ଚୀନର ବିରୋଧ କରିବା ପରିବର୍ତେ ତିବତକୁ ଚୀନ ହାତରେ ଟେକି ଦେଇଥିଲେ ।

ଏହା ପରେ ମାଓ ତିବତକୁ ଚୀନର ପାପୁଲି ବୋଲି କହିବା ସହ ଏହାର ପାଂଚଟି ଆଙ୍ଗୁଳି ରହିଛି ବୋଲି କହିଥିଲେ । ଏହି ପାଂଚଟି ଆଙ୍ଗୁଳି ହେଲା ଲଦାଖ, ଭୁଟାନ, ନେପାଳ, ସିକିମ ଓ ନେଫା (ବର୍ତମାନର ଅରୁଣାଚଳ ପ୍ରଦେଶ) । ତେଣୁ ସେତେବେଳ ଠାରୁ ହିଁ ଚୀନ ତାର ଅସଲ ରୂପ ଦେଖାଇ ଥିଲା ।

ଏହା ପରେ ମଧ ବିଭିନ୍ନ ସମୟରେ ଚୀନ ଏଭଳି କାଳ୍ପନିକ ମାନଚିତ୍ର ମାନ ଜାରୀ କରେ ଓ ବିଭିନ୍ନ ଦେଶର ଅଂଚଳ ଗୁଡିକୁ ନିଜର ବୋଲି ଦାବି କରେ । କେବଳ ଭାରତର ହିଁ ତାର ପଡୋଶୀ ଅନ୍ୟ ସମସ୍ତ ଦେଶ ମାନଙ୍କ ବିଭିନ୍ନ ଅଂଚଳ ଗୁଡିକୁ ମଧ ସେ ନିଜର ବୋଲି ଦାବି କରେ । ତେଣୁ ପ୍ରଥମ ଥର ପାଇଁ ଚୀନ ଏଭଳି ହରକତ କରି ନାହିଁ । ଏଭଳି କରିବା ଚୀନର ପୁରୁଣା ଅଭ୍ୟାସ ରହିଛି ।

ଭାରତ ସରକାର ଚୀନର ଏହି ହରକତର କଡା ଜବାବ ଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଏହି ମାନଚିତ୍ରକୁ ଅସ୍ୱୀକାର କରି ଦେଇଛି ।

ଭାରତ ସରକାର ପୂର୍ବରୁ ମଧ ଏହି ମାମଲାରେ ଏହି ଭଳି ଜବାବ ଦେଉଥିଲା । ଚୀନ ଯେବେ ଯେବେ ଏଭଳି ମାନଚିତ୍ର ଜାରୀ କରେ କିମ୍ବା ଅରୁଣାଚଳ ପ୍ରଦେଶର ଲୋକ ମାନଙ୍କ ପାଇଁ ଷ୍ଟାପଲ୍ଡ ଭିସା ପ୍ରଦାନ କରେ ସେତେବେଳେ ଭାରତ ସରକାର ଏଭଳି ପ୍ରତିକ୍ରିୟା ପ୍ରଦାନ କରିଥାଏ । ଯେଉଁ ଦଳର ସରକାର ଥାଉ ନା କାହିଁକି ଏହି ସମାନ ପ୍ରତିକ୍ରିୟା ରହି ଆସିଛି । ତେବେ ବର୍ତମାନ ସରକାରରେ କଣ ବଦଳିଛି ? ବର୍ତମାନ ସରକାରରେ ସୀମାବର୍ତୀ ଅଂଚଳ ମାନଙ୍କରେ ଭିତିଭୂମିର ସ୍ଥିତି ବଦଳିଛି । ଗତ ୯ ବର୍ଷ ଧରି ତିବତ ସୀମାରେ ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଜୋରସୋରରେ ନିର୍ମାଣ ଚାଲିଛି । ଭାରତୀୟ ସେନା ଚୀନର ଲାଲ ସେନାକୁ ତାଙ୍କରି ଭାଷାରେ ଜବାବ ଦେଉଛି । ଡୋକଲାମ ହେଉ ବା ଗଲୱାନ ଉପତ୍ୟକା ହେଉ ଏହା ଏବେ ପ୍ରମାଣିତ ହୋଇ ସାରିଛି ।

ଚଳିତ ଥର ଚୀନର କାଳ୍ପନିକ ମାନଚିତ୍ରକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରତିକ୍ରିୟା ପରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କର ମଧ ପ୍ରତିକ୍ରିୟା ଦେଇଛନ୍ତି । ସେ ତାଙ୍କର ପ୍ରତିକ୍ରିୟାରେ ଚୀନର ଭାରତୀୟ ଅଂଚଳ ଉପରେ ଦାବିକୁ 'ଆବସର୍ଡ କ୍ଲେମ' ବୋଲି କହିଛନ୍ତି । କୂଟନୀତିଜ୍ଞ ମାନେ ସାଧାରଣ ଭାବେ ଆବସର୍ଡ ଶବ୍ଦ ସାଧାରଣତଃ ବ୍ୟବହାର କରି ନଥାନ୍ତି । ହେଲେ ଏଥର ଏହି ଶବ୍ଦକୁ ଭାରତର ବୈଦେଶିକ ମନ୍ତ୍ରୀ ବ୍ୟବହାର କରିଛନ୍ତି । ତେଣୁ ଚୀନକୁ କଡା ଭାଷାରେ କୂଟନୈତିକ ଜବାବ ଦିଆଯାଇଛି ।

ଚୀନ ହେଉଛି ଏକ ବିସ୍ତାରବାଦୀ ଦେଶ । ଚୀନ ସବୁବେଳେ ତାର ଆଖ ପାଖର ଦେଶ ମାନଙ୍କୁ କବଳିତ କରିବାକୁ ଚେଷ୍ଟା କରିଥାଏ । ଏବେ ମଧ ଯେଉଁ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ରହିଛି ସେଥିରେ ଏଭଳି ବେଆଇନ ଭାବେ କବଜା କରିଥିବା ପଡୋଶୀ ଦେଶ ମାନଙ୍କର ଭୂମି ସାମିଲ ରହିଛି ।

ଚୀନ କେବଳ ଯେ ଏହି କାଳ୍ପନିକ ମାନଚିତ୍ରରେ ଭାରତର ଅଂଚଳ ଗୁଡିକୁ ଦର୍ଶାଇଛି ତା ନୁହେଁ । ସେ ବିଭିନ୍ନ ଦେଶର ବିଭିନ୍ନ ଅଂଚଳ ଗୁଡିକୁ ମଧ ତାର ବୋଲି ଦର୍ଶାଇଛି । ତେଣୁ କେବଳ ଭାରତ ନୁହେଁ ଏହି ଦେଶ ମାନେ ମଧ ଚୀନର ଏଭଳି କୃତ୍ୟ ପାଇଁ ତାକୁ ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି ।

ଏହି ମାନଚିତ୍ରକୁ ନେଇ ଫିଲିପାଇନ୍ସ, ତାଇୱାନ, ମାଲେସିଆ ଓ ଭିଏତନାମ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କାରଣ ଏହି କାଳ୍ପନିକ ମାନଚିତ୍ରରେ ଚୀନ ଏହି ଦେଶ ମାନଙ୍କର ଅଂଶକୁ ମଧ ନିଜର ବୋଲି ଦର୍ଶାଇଛି ।

ଫିଲିପାଇନ୍ସର ସାମୁଦ୍ରିକ ଅଂଚଳ ଗୁଡିକୁ ଚୀନ ଏହି କାଳ୍ପନିକ ମାନଚିତ୍ରରେ ନିଜର ବୋଲି ଦାବି କରିଥିଲା । ଫିଲିପାଇନ୍ସ ସରକାରର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଚୀନ ଦ୍ୱାରା ଏହି ଅଂଚଳ ଗୁଡିକୁ ନିଜର ବୋଲି ଦାବି କରିବା ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ ।

ସେହିପରି ଭିଏତନାମର ସ୍ପ୍ରେଟଲି ଓ ପାରାସେଲ ଦ୍ୱୀପ ଓ ତାର ଜଳ କ୍ଷେତ୍ର ଉପରେ ଏହି କାଳ୍ପନିକ ମାନଚିତ୍ର ଜରିଆରେ ଦାବି କରିଛି । ଭିଏତନାମ ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ ଚୀନ ବିରୁଦ୍ଧରେ କଡା ପ୍ରତିକ୍ରିୟା ଦିଆଯାଇଛି ଓ ଚୀନର ଦାବିକୁ ଖାରଜ କରାଯାଇଛି । ସେହିପରି ମାଲେସିଆ ପକ୍ଷରୁ ମଧ ଚୀନର ଏଭଳି ଦାବି କୁ ଅଗ୍ରାହ୍ୟ କରାଯାଇଛି ।

ଅନ୍ୟ ଶବ୍ଦରେ କହିବାକୁ ଗଲେ ଚୀନର ଏଭଳି ବିସ୍ତାରବାଦୀ ବ୍ୟବହାରକୁ ନେଇ କେବଳ ଭାରତ ନୁହେଁ ଅନ୍ୟ ଦେଶ ମାନେ ମଧ ସମସ୍ୟାରେ ଅଛନ୍ତି । ସମସ୍ତେ ଚୀନ ବିରୁଦ୍ଧରେ କଡା ମନ୍ତବ୍ୟ ଦେଉଛନ୍ତି । ଚୀନକୁ ସମସ୍ତେ ଶତ୍ରୁ ଭଳି ଦେଖୁଛନ୍ତି ।

ଭାରତ ସ୍ୱାଧୀନ ହେବା ପରେ ଅନେକ ଦେଶ ଆଶା କରୁଥିଲେ ଯେ ଭାରତ ସେମାନଙ୍କର ନେତୃତ୍ୱ ନେବ । ବିଶେଷ ଭାବେ ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନେ ନେତୃତ୍ୱ ପାଇଁ ଭାରତ ଆଡକୁ ଦେଖୁଥିଲେ । କାରଣ ମଧ ସ୍ପଷ୍ଟ ଥିଲା । ଭାରତର ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତି ରହିଛି । ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନଙ୍କର ସଂସ୍କୃତି ଭାରତରୁ ହିଁ ଯାଇଛି । ତେଣୁ ଭାରତର ନେତୃତ୍ୱକୁ ସେମାନେ ଅନାଇଥିଲେ । ହେଲେ ବୋଧ ହୁଏ ସେତେବେଳର ଭାରତର ରାଜନୈତିକ ବୋଧ ହୁଏ ଏହା ଚାହୁଁ ନଥିଲା । ୧୯୬୨ ମସିହାରେ ଚୀନ ମଧ ଭାରତ ଉପରେ ଆକ୍ରମଣ କରି ଏହି ଦେଶ ମାନଙ୍କୁ ସଂକେତ ଦେଇ ଦେଇଥିଲା ଯେ ଭାରତ ଆଡକୁ ନେତୃତ୍ୱ ପାଇଁ ଯଦି ଚାହୁଁଛ ତାହେଲେ ଭୁଲ କରୁଛ । ମାତ୍ର ବର୍ତମାନ ସ୍ଥିତି ବଦଳିଛି । ବର୍ତମାନ ଭାରତ ବିଶ୍ୱର ବିକଶିତ ଦେଶ ମାନଙ୍କ ସହ ଆଖିରେ ଆଖି ମିଶାଇ କଥା ବାର୍ତା କରୁଛି । ବିଶ୍ୱ ରାଜନୀତିରେ ଭାରତର ପ୍ରଭାବ ବଢିବାରେ ଲାଗିଛି । ଚୀନର ଏଭଳି କାଳ୍ପନିକ ମାନଚିତ୍ର ଜାରୀ ପ୍ରସଙ୍ଗ ଆଖ ପାଖର ଦେଶ ମାନଙ୍କୁ ଚୀନ ବିରୁଦ୍ଧରେ କରୁଛି । ଏଭଳି ସ୍ଥିତିରେ ଭାରତ ତାର ଭୂମିକାକୁ ବିସ୍ତାର ଦେବା ଉଚିତ । ଭାରତକୁ କେବଳ ଭାରତର ନୁହେଁ ବରଂ ଚୀନର ବିସ୍ତାରବାଦୀ ନୀତିର ଶୀକାର ହେଉଥିବା ଅନ୍ୟ ଦେଶ ମାନଙ୍କର ପ୍ରବକ୍ତା ମଧ ସାଜିବାର ସମୟ ଆସିଛି ।

# ହରିଜନ୍ମ

॥ ପ୍ରଦୀପ କୁମାର ବିଶ୍ୱାଳ ॥

ଚଳିତ ବର୍ଷ ଜନ୍ମାଷ୍ଟମୀ ବା ହରିଜନ୍ମ ଓଷା ତା ୬.୯.୨୦୨୩ରିଖ ବୁଧବାର ଦିନ ପାଳନ କରାଯିବ । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହାର କର୍ମକାଳ ପ୍ରାତଃ କାଳରୁ ଆରମ୍ଭ ହେଉଥିଲେ ମଧ ମୁଖ୍ୟ କର୍ମକାଳ ହେଉଛି ଅର୍ଦ୍ଧରାତ୍ର । ଅର୍ଦ୍ଧରାତ୍ର ଅର୍ଥାତ୍ ଦ୍ୱିଧା ବିଭକ୍ତ ରାତ୍ରିମାନରୁ ପ୍ରଥମାର୍ଦ୍ଧର ଶେଷ ଏକଦଣ୍ଡ ଓ ୨ୟାର୍ଦ୍ଧର ଆଦ୍ୟ ଏକଦଣ୍ଡ, ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ଏକ ଦଣ୍ଡ = ୨୪ ମିନିଟ୍ । ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ରୋହିଣୀ ନକ୍ଷତ୍ରଯୁକ୍ତ ଜନ୍ମାଷ୍ଟମୀକୁ ଜୟନ୍ତୀ କୁହାଯାଏ । ଏଥିରେ ସୋମବାର କିମ୍ବା ବୁଧବାର ଯୋଗହେଲେ ଅତ୍ୟଧିକ ପୂଣ୍ୟଫଳ ପ୍ରଦାୟକ । ଯେଉଁବର୍ଷ ଅଷ୍ଟମୀ ତିଥିରେ ରୋହିଣୀ ନକ୍ଷତ୍ର ଯୋଗ ହୁଏ ନାହିଁ ତାକୁ କେବଳ ଜନ୍ମାଷ୍ଟମୀ କୁହାଯାଏ । ଚଳିତବର୍ଷ ଅର୍ଦ୍ଧରାତ୍ରରେ ଅଷ୍ଟମୀତିଥି ବୁଧବାର ସହ ରେହିଣୀ ନକ୍ଷତ୍ର ଯୁକ୍ତ ହେଉଅଛି । ଏହାକୁ ଜୟନ୍ତୀ କୁହାଯାଏ, ଏହା ଅତ୍ୟନ୍ତ ପୂଣ୍ୟଫଂଳ ପ୍ରଦାୟକ । ଶ୍ରୀମଭାଗବତ୍ ୧୧ଶ ସ୍କନ୍ଦରୁ ଜଣାଯାଏ ଭଗବାନ ଶ୍ରୀକୃଷ୍ଣ(ଶ୍ରୀହରି) ୧୨୫ ବର୍ଷ ଜୀବିତ ଥିଲେ । ସୁତରାଂ ତାଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୩୧୦୧+୧୨୫=ଖ୍ରୀଷ୍ଟପୂର୍ବ ୩୨୨୬ରେ ହୋଇଥିଲା ଏବଂ ଚଳିତ ବର୍ଷ ୨୦୨୩ରେ ପାଳନ ହେବ ଶ୍ରୀକୃଷ୍ଣଙ୍କର ୫୨୪୯ତମ ଜନ୍ମତିଥି ।

ପ୍ରବଳ ପ୍ରତାପୀ କଂସର ପ୍ରକୋପରେ ପୃଥିବୀ ପ୍ରକମ୍ପିତ । ଅତିଶୟ ଅନ୍ୟାୟ, ଅଧର୍ମ, ଅତ୍ୟାଚାର ଓ ଅନୀତିରେ ଅତିଷ୍ଠ ଭୁମଣ୍ଡଳ । ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବିବାହପରେ ବିଦାୟ ଦେବା ସମୟରେ ଶୁନ୍ୟବାଣୀ ହେଲା 'ଦେବକୀର ଅଷ୍ଟମଗର୍ଭ ସନ୍ତାନ ତୋର ବିନାଶ କରିବ' । ଶୁନ୍ୟବାଣୀରେ ଭୟଭୀତ କଂସ ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କାରଗାରରେ ବନ୍ଦୀକରି ଦେବକୀଙ୍କର ସମସ୍ତ ସନ୍ତାନମାନଙ୍କୁ ନିଧନ କରିବାକୁ ନିଷ୍ପତ୍ତି ନେଲେ ।

ଭାଦ୍ରକୃଷ୍ଣ ଅଷ୍ଟମୀ ମଧ୍ୟରାତ୍ର, ଦେବକୀଙ୍କର ଅଷ୍ଟମ ଗର୍ଭବେଦନା ଭେଦକରି ଭୁମିଷ୍ଠ ହୋଇଥିଲେ ଭଗବାନ ବାସୁଦେବ(କୃଷ୍ଣ) । ଦୁରାଚାରୀ କଂସର ପ୍ରହରାରତ ବନ୍ଦୀଶାଳାରୁ ପୁତ୍ର ବାସୁଦେବଙ୍କୁ ରକ୍ଷାକରିବା ପାଇଁ ପିତା ବସୁଦେବ ମୁଣ୍ଡଉପରେ ଝୁଡିମଧରେ ରଖି ବାହାରିଲେ ବନ୍ଧୁ ନନ୍ଦରାଜାଙ୍କ ଘରକୁ । ଚାରି ମେଘ ଆବର୍ତ୍ତକ, ସମ୍ବର୍ତ୍ତକ, ଦ୍ରୋଣ ଓ ପୁଷ୍କର ଏକାକାର ହୋଇ ପ୍ରଚଣ୍ଡ ବାଦଲ୍‌ଫଟା ବିଜୁଳି ଓ ବଜ୍ରଧ୍ୱନି ସହ ଭୀଷଣ ବର୍ଷା ହେଉଥାଏ । ସପ୍ତଫେଣୀ ଅନନ୍ତନାଗ ପ୍ରଭୁଙ୍କୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ବସୁଦେବଙ୍କ ଅଗୋଚରରେ ଛତାଭଳି ଘୋଡାଇ ଚାଲିଛନ୍ତି । ଏହି ସମୟରେ କଂସରାଜାଙ୍କ ଆଜ୍ଞାରେ ପିତା ଉଗ୍ରସେନ କର୍ତ୍ତବ୍ୟରତ ରାତ୍ରି ଜଗୁଆଳି ଭାବେ ବସୁଦେବଙ୍କ ପଥରୋଧ କରନ୍ତି । ଘୋର ଅନ୍ଧକାର ମଧରେ ବିଜୁଳିର ଝଲକ୍ ଆଲୋକରେ ଜ୍ୱାଇଁ ବସୁଦେବଙ୍କୁ ଜାଣିସାରିବା ପରେ ମଧ ଉଗ୍ରସେନ କର୍ତ୍ତବ୍ୟର ଅଙ୍ଗୀକାରବଦ୍ଧ ହୋଇ ବାଟ ଓଗାଳିଛନ୍ତି । ବସୁଦେବ ଦଣ୍ଡବତ ହୋଇ ଯେତେ ନେହୁରା ହେଲେ ମଧ ଉଗ୍ରସେନ ନଛୋଡ ବନ୍ଧା । ଏହାପରେ ଭଗବାନ କୃଷ୍ଣ ଭକ୍ତ ଉଗ୍ରସେନଙ୍କୁ ତାଙ୍କର ଚତୁର୍ଦ୍ଧାମୂର୍ତ୍ତିର ଦର୍ଶନ କରାଇଛନ୍ତି । ସେତେବେଳେ ଲମ୍ବହୋଇ ପଡିଲେ ଉଗ୍ରସେନ । ଶ୍ରୀକୃଷ୍ଣ ତାଙ୍କୁ ମଥୁରାନଗରୀର ଭବିଷ୍ୟତର ରାଜା ହେବାକୁ ପୁଷ୍ପମାଲ୍ୟ ପ୍ରଦାନ କଲେ । ଘନଘୋର ନିଶାରାତିରେ ଏକମାତ୍ର ବଂଶ ପ୍ରଦୀପକୁ ମୁଣ୍ଡଉପରେ ରଖି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ଭିତରକୁ ପାଦ ବଢାଇବାକୁ ସାହସ କରିପାରୁନଥିଲେ । ମାତ୍ର ତାଙ୍କୁ ମୁହୂର୍ତ୍ତକ ପାଇଁ ଆଶ୍ଚର୍ଯ୍ୟ କରିଦେଇ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆର୍ଶିବାଦ ହେତୁ ପୂର୍ଣ୍ଣଗର୍ଭା ନଦୀଟି ବସୁଦେବଙ୍କୁ ବାଟ ଛାଡି ଦେଲା । ବନ୍ଧୁ ନନ୍ଦଙ୍କ ଘରେ ପହଞ୍ଚ ଯଶୋଦଙ୍କ କୋଳରେ ଭଗବାନ କୃଷ୍ଣଙ୍କୁ ଶୁଆଇଦେଇ ଠିକ୍ ଏହିସମୟରେ ସଦ୍ୟଜାତ ଯଶୋଦାଙ୍କ କନ୍ୟା ଯୋଗମାୟାଙ୍କୁ ଧରି ଫେରି ଆସିଲେ । ଏହାପରେ ଫିଟି ଯାଇଥିବା କବାଟ ପୂର୍ବବତ୍ ବନ୍ଦ ହୋଇ ଗଲା ଓ ହାତ ଓ ପାଦରେ ଶୃଙ୍ଖଳ ପଡିଗଲା ।

ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଳୋକରେ କହିଛନ୍ତି,

'ଯଦା ଯଦା ହି ଧର୍ମସ୍ୟ ଗ୍ଲାର୍ନିଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।
ପରତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପର୍ନାଥାୟ ସମ୍ଭବାମି ଯୁଗେ ଯୁଗେ ।'

ଅର୍ଥାତ୍-ଯେତେବେଳେ ଧରାପୃଷ୍ଠରେ ଧର୍ମର ଗ୍ଲାନି ହୋଇ ଅଧର୍ମର ପ୍ରାଦୁର୍ଭବ ବହୁଳ ଭାବେ ବୃଦ୍ଧିପାଏ ସେତେବେଳେ ମୁଁ ପ୍ରକଟ ହୋଇ ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରି ଧର୍ମର ପୁନଃ ସଂସ୍ଥାପନ କରିଥାଏ । ଦ୍ୱାପର ଯୁଗର ଶେଷ ସମୟରେ ପ୍ରବଳ ପ୍ରତାପୀ କଂସ, ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ ଭଳି ସ୍ୱେଚ୍ଛାଚାରୀ ରାଜାମାନଙ୍କର ଦୌରାତ୍ମ୍ୟରୁ ସାଧୁଜନମାନଙ୍କୁ ରକ୍ଷା କରିବାପାଇଁ କଂସରାଜା ମଥୁରା ନଗରୀରେ ବନ୍ଦୀଶାଳାରେ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ରୁପେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେଇଥିଲେ । ସାରଳାଦାସଙ୍କ ମହାଭାରତର ବନପର୍ବ ଓ ମୂଷଳୀ ପର୍ବରେ ଲିଖିତ ଅଛି ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡ ହିଁ ଶ୍ରୀଜଗନ୍ନାଥ । ଏଣୁ ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ । ଶ୍ରୀକୃଷ୍ଣ, ବଳରାମ ଓ ଭଉଣୀ ସୁଭଦ୍ରା ଆଜି ପୁରୁଷୋତମ କ୍ଷେତ୍ରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାରୁପେ ଶ୍ରୀମନ୍ଦିରରେ ବିରାଜମାନ । (କ୍ରମଶଃ)

# ସଡକ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ



ଦେବଗଡ଼ ( ମହା ଭାରତ)ଆଜି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ,ଦେବଗଡ଼ ରେ ଦେବଗଡ଼ ଜିଲ୍ଲା ପୋଲିସ ସହାୟତାରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି କାର୍ଯ୍ୟକ୍ରମ ରେ ଦେବଗଡ଼ ଜିଲ୍ଲା ପୋଲିସ ଏସ ,ଡି ,ପି ,ଓ ଶ୍ରୀ ସୌମ୍ୟରଂଜନ ମଲ୍ଲିକ ଓ ଆଦର୍ଶ ଥାନା ଦେବଗଡ଼ ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସରୋଜ କୁମାର ସେଠୀ ଯୋଗଦାନ କରି ବିଦ୍ୟାର୍ଥୀ ମାନଙ୍କୁ ସଡ଼କ ସୁରକ୍ଷା ନିୟମ କୁ ବୁଝାଇଥିଲେ ।ବିଶେଷ କରି ଯେଉଁ ବିଦ୍ୟାର୍ଥୀ ମାନେ ଗାଡ଼ି ଚଳାଉଛନ୍ତି ,ସେମାନେ ଲାଇସେନ୍ସ କରି ଠିକ୍ ଭାବରେ ଗାଡ଼ି ଚଳାଇବାକୁ ଓ ହେଲମେଟ ବ୍ୟବହାର କରିବାକୁ ପରାମର୍ଶ ଦାନ କରିଥିଲେ ।ସଭାର ପ୍ରାରମ୍ଭ ରେ ଅଧ୍ୟକ୍ଷ ଡଃ ବିଜୟ କୁମାର ମହାରଣା ଅତିଥି ମାନଙ୍କୁ ଅନୁଷ୍ଠାନ ତରଫ ରୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ର ଆବଶ୍ୟକତା ସମ୍ପର୍କରେ ବିଦ୍ୟାର୍ଥୀ ମାନଙ୍କୁ ବୁଝାଇ ଥିଲେ ।ଏହି ସଭାରେ ମହାବିଦ୍ୟାଳୟ ର ଯୁବ ରେଡକ୍ରସ ଶାଖାର ସଂଯୋଜକ ଶ୍ରୀ ଦାମୋଦର ନାୟକ ,ଜାତୀୟ ସେବା ସଂସ୍ଥାର ଅଧିକାରୀ ଅଧ୍ୟାପିକା ସୁଦେବି ଗିରିଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ ଶତାଧିକ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

# ସଇଁତଲା ରେ ଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ



ଟିଟିଲାଗଡ (ମହାଭାରତ) ବଲାଙ୍ଗୀର ଜିଲ୍ଲା ସଇଁନ୍ତଳା ନ୍ୟୁ ମାର୍କେଟ ଠାରେ ଯୁବ ବିଜେପି ନେତା ଡୋଳାମଣି ବସ୍ତିଆ ଙ୍କ ନେତୃତ୍ୱ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କୁ ସ୍ଵାଗତ ସମ୍ବର୍ଦ୍ଧନା ଦିଆଯାଇଛି ପ୍ରକାଶ ଯେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭବାନୀପାଟଣା ଅଭିମୁଖେ ଯାଉଥିବା ବେଳେ ଯୁବ ବିଜେପି କର୍ମୀ ମାନେ ଫୁଲ ତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ପରେ ମନ୍ତ୍ରୀ ବ୍ଲକ ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ସମୟରେ ସଇନ୍ତଳା ବ୍ଲକ କରମତଳା ପଞ୍ଚାୟତ ତୁଷ୍ଟାପାଳି ସ୍କୁଲରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପ୍ରଯନ୍ତ ରହିଥିବା ବେଳେ ୧୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପଢୁଥିବା ବେଳେ ୨ ଜଣ ଶିକ୍ଷକ ରହିଛନ୍ତି। ଏଣୁ ନିୟମ ଅନୁସାରେ ଶିକ୍ଷକ ନିଯୁକ୍ତି କରିବା ପାଇଁ ତୁଷ୍ଟାପାଲି ଯୁବକ ମାନେ ଅନୁରୋଧ କରିଥିଲେ। ଏହି ସମୟରେ ଲବେନ୍ଦ୍ର ବେହେରା, ମୁନୁ ମେହେର, ଟିକେଚନ ପଧାନ, ସୁବଲ ଠାକୁର, ଶରତ ବାଗ, ଉମେଶ ଭୋଇ, ନେପାଳସୁନା ପ୍ରିନାୟକ ଡାଙ୍ଗ ପ୍ରମୁଖ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ନାଲକୋରେ ଜମିହରା ପ୍ରଜା ଓ ସ୍ଥାନୀୟ ନିଯୁକ୍ତି ପାଇଁ ଆଇଏନଟିୟୁସିର ଦାବି

ଅନୁଗୋଳ,(ମହାଭାରତ):ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ସହବନ୍ଧିତ ନାଲକୋର କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ସିପିପି, ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ, ନାଲକୋ ମୁଖ୍ୟ କାର୍ଯ୍ୟାଳୟର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ନାଲକୋ ଏମ୍ପ୍ଲୋୟିଜ୍ ଫୋରମ୍ ଓ ସ୍ମେଲଟର ନାଲକୋ ଏମ୍ପ୍ଲୋୟିଜ ସଂଘର ପ୍ରତିନିଧି ଦଳ ଆଡ଼ିଶିନାଲ ସେକ୍ରେଟାରୀ ମାଇନ୍ସ ତଥା ନାଲକୋ ଅଧକ୍ଷ ଶ୍ରୀ ସଞ୍ଜୟ ଲୋହିଆଙ୍କୁ ନୂଆଦିଲ୍ଲୀର ଶାସ୍ତ୍ରୀ ଭବନଠାରେ ସାକ୍ଷାତ କରିବା ସହିତ ନାଲକୋ ଦ୍ଵାରା ଆଇଟିଆଇ ଟ୍ରେନିଂ ପ୍ରାପ୍ତ ୧୯୮ ଜଣ କ୍ଷତିଗ୍ରସ୍ତ ପ୍ରଜା ତଥା ନାଲକୋରେ କୁଶଳୀ ଶ୍ରମିକ ଭାବେ କାର୍ଯ୍ୟରତ ଶ୍ରମିକ, ସ୍ଥାନୀୟ ପ୍ରଜା ଓ ନାଲକୋ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନାଲକୋରେ ହେବାକୁ ଯାଉଥିବା କର୍ମଚାରୀ ନିଯୁକ୍ତି ପକ୍ରୀୟା ମାଧ୍ୟମରେ ସଂରକ୍ଷଣ ବ୍ୟବସ୍ଥା ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଆଇଏନଟିୟୁସି ପ୍ରତିନିଧି ମଣ୍ଡଳ ଉଲ୍ଲେଖ କରିଥିଲେ ଯେ ନାଲକୋର ୨୦/୦୩/୨୦୧୯ ଅନୁଷ୍ଠିତ ବୋର୍ଡ ମିଟିଂର ନିଷ୍ପତି ଅନୁଯାୟୀ ଏବଂ ୧୭/୦୨/୧୯୮୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ନାଲକୋ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତ ଯୁବକଯୁବତୀ ମାନଙ୍କୁ ସ୍ଥାନୀୟ ଆଇଟିଆଇ ପ୍ରଶିକ୍ଷଣ ଦେଇ ସ୍ଥାୟୀ ପଦବୀରେ ନିଯୁକ୍ତି କରିବେ, ଉକ୍ତ ନିଷ୍ପତି ଅନୁସାରେ କ୍ଷତିଗ୍ରସ୍ତ ଯୁବକ ଓ ଯୁବତୀ ମାନେ ନାଲକୋରେ ସ୍ଥାୟୀ ନିଯୁକ୍ତି ପାଇ ଆସୁଥିଲେୟ ପରବର୍ତ୍ତୀ ସମୟରେ ୨୦୧୩ ମସିହାରେ ନାଲକୋ କର୍ତ୍ତୃପକ୍ଷ କର୍ମଚାରୀ ନିଯୁକ୍ତି ପକ୍ରିୟାକୁ ବନ୍ଦ କରିବା ପାଇଁ ବୋର୍ଡର ସ୍ୱୀକୃତି ନେଇଥିଲେ। ଷଷ୍ଠ ତମ ପୁନର୍ବାସ ଓ ପାରିପାର୍ଶିକ ଉନ୍ନତି ପରାମର୍ଶଦାତା (ଆରପିଡିଏସି)ସମିତି ୧୮/୦୧/୨୦୧୪ ରେ ଅନୁଷ୍ଠିତ ହୋଇ ୧୯୮ ଜଣ କ୍ଷତିଗ୍ରସ୍ତ ଯୁବକ ଓ ଯୁବତୀଙ୍କୁ ନାଲକୋ ଦ୍ଵାରା ଆଇଟିଆଇ ପ୍ରଶିକ୍ଷଣ କରାଇ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। କିନ୍ତୁ ନିଯୁକ୍ତି ପକ୍ରିୟା ବନ୍ଦ ହୋଇଥିବା ହେତୁ ୧୯୮ ଜଣଙ୍କୁ ଠିକା ଶ୍ରମିକ ଭାବେ ନାଲକୋ ନିଯୁକ୍ତି କରିଥିଲାୟ କିନ୍ତୁ ପ୍ରସ୍ତାବିତ ନିଯୁକ୍ତି ପକ୍ରିୟାରେ ୧୯୮ ଜଣଙ୍କୁ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା ଉଲ୍ଲେଖ ନକରି ତଥା ଜମିହରା ପ୍ରଜା , ସ୍ଥାନୀୟ ବେକାର ଯୁବତୀଙ୍କ ପାଇଁ କେବଳ ବୟସ ସୀମାକୁ ୪୦ ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇଛି। ଏହା ସହିତ ନାଲକୋ ଦ୍ଵାରା ଆଜି ପର୍ଯ୍ୟନ୍ତ ଜମି ହରାଇଥିବା ଜମିହରା ପ୍ରଜା ନିଯୁକ୍ତି ମିଳୁନଥିବା ବେଳେ, ପ୍ରତିନିଧି ମଣ୍ଡଳ ଉଲ୍ଲେଖ କଲେ ଯେ ନାଲକୋର ବୋର୍ଡ ନିଷ୍ପତି ଅନୁଯାୟୀ ୧୯୮ ଜଣଙ୍କୁ ନିଯୁକ୍ତି ଦିଆଯାଉ ଓ ଅବଶିଷ୍ଟ ପଦବୀ ପାଇଁ ଜମିହରା ପ୍ରଜାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରଯାଉ।

# ନବମ ଓପି ଜିନ୍ଦଲ ମେମୋରିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



ଯୋଡ଼ା:(ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ସିଆଳି ଯୋଡ଼ା ଠାରେ ଅବସ୍ଥିତ ଜିନ୍ଦଲ ସ୍ପୋର୍ଟସ କମ୍ପ୍ଲେକ୍ସରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ନବମ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ସାନବଡ଼ବିଲ ଫୁଟବଲ୍ କ୍ଲବ ବିଜୟୀ ହୋଇଛି। ଫାଇନାଲ ମ୍ୟାଚ ସାନବଡ଼ବିଲ ଫୁଟବଲ କ୍ଲବ ଓ ଅସେଇକଳା ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ସାନବଡବିଲର ଖେଳାଳି ମାର୍ଶାଲ ପୂର୍ତ୍ତିଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ମିଳିଥିବା ବେଳେ ସର୍ବାଧିକ ଗୋଲ ପାଇଁ ସାନବଡ଼ବିଲର ଅମିତ ବେହେରାଙ୍କୁ ପୁରସ୍କାର ମିଳିଛି। ସିଆଳିଯୋଡ଼ା ଫୁଟବଲ କ୍ଲବ ଓ ବିଲେଇପଦା ଫୁଟବଲ କ୍ଲବ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି।ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚର ଉଦଘାଟନୀ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପ ଜିଲ୍ଲାପାଳ ଶ୍ରୀ ଉମାକାନ୍ତ ପରିଡ଼ା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦେଓଝର ପଞ୍ଚାୟତର ସରପ□ ଶ୍ରୀ ଧ୍ରୁବ ଚରଣ ନାଏକ, ବୀରକଳା ପଞ୍ଚାୟତର ସମିତି ସଭ୍ୟ ଶ୍ରୀ ଜ୍ଞାନରଞ୍ଜନ ଖୁଣ୍ଟିଆ, କାଣ୍ଡା ପଞ୍ଚାୟତର ସମିତି ସଭ୍ୟ ଶ୍ରୀ ସୋମନାଥ ମହାନ୍ତ, ଦେଓଝର ପଞ୍ଚାୟତର ପୂର୍ବତନ ସରପଞ୍ଚ□ ଶ୍ରୀ ମଙ୍ଗଳ ମୁଣ୍ଡା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଦିମ ସଂସ୍କୃତିର ସାଧାରଣ ସମ୍ପାଦକ ଡକ୍ଟର ରୁଦ୍ରମଣି ପାତ୍ର ଓ କାଣ୍ଡା ପଞ୍ଚାୟତର ନାଏବ ସରପ□ ଶ୍ରୀ ମଙ୍ଗୁ ଘଟାର ଯୋଗ ଦେଇଥିଲେ। ସେହିପରି ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପକ୍ଷରୁ ଜିନ୍ଦଲ ପେଲେଟ ପ୍ଲାଣ୍ଟର ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମ ଡି, ଏଚଆର ଏଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ସିଏସଆର ହେଡ୍ ଶ୍ରୀ ଉର୍ଜିଲ ଲାକ୍ରା ଓ ଚିଫ୍ ମେଡିକାଲ ଅଫିସର ଡକ୍ଟର ରାମାନନ୍ଦ ପ୍ରସାଦ ଅତିଥି ଭାବେ ଯୋଗଦେଇଥିଲେ।ଗତ ୧୯ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ଦେଓଝର, ବୀରକଳା, କାଣ୍ଡା, ଅସେଇକଳା ଓ ଚମକପୁର ଅଞ୍ଚଳର ୪୦ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଦେଖିବା ପାଇଁ ବହୁ ଫୁଟବଲ୍ ପ୍ରେମୀ ଉପସ୍ଥିତ ଥିଲେ।

# ଦେଶୀ ମଦ ଜବତ, ଅଭିଯୁକ୍ତ ଫେରାର


ବେଗୁନିଆ,(ମହାଭାରତ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ତପସ୍ଵିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ଚଢାଉ କରି ୮୦୦ କେଜି ପୋଚ ଓ ୯୦ ଲିଟର ଦେଶୀ ମଦ ସହ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରିଛି । ବେଗୁନିଆ ଅବକାରୀ ବିଭାଗ ଏସଆଇ ରାଜେନ୍ଦ୍ର ଖେସଙ୍କ ସୂଚନା ଅନୁଯାୟୀ ବେଗୁନିଆ ଥାନା ଅନ୍ତର୍ଗତ ଶିଉଳା ଜଙ୍ଗଲରୁ ଦେଶୀ ମଦ ପ୍ରସ୍ତୁତ ହେଉଥିବାର ଖବର ପାଇ ଚଢାଉ କରି ୮୦୦ କେଜି ପୋଚ ଓ ୯୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି । ଅପର ପକ୍ଷରେ ଅଭିଯୁକ୍ତ ଜଣକ କୌଣସି ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ତାକୁ ଧରିବା ପାଇଁ ଜାଲ ବିଛାଇଥିବାର କହିଛନ୍ତି।

# ନେହେରୁ ସେବା ସଂଘ ତରଫରୁ ପୋଷ୍ୟ ସନ୍ତାନ ଗ୍ରହଣ କରିନେଇଥିବା ବିଦେଶୀ ଦମ୍ପତିଙ୍କୁ ସମ୍ବର୍ଦ୍ଧନା



ଭବାନୀପାଟଣା (ମହାଭାରତ): ନେହେରୁ ସେବା ସଂଘ ଭବାନୀପାଟଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କଳାହାଣ୍ଡି ତରଫରୁ ଭବାନୀପାଟଣାର ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଇଟାଲୀର ଦମ୍ପତି ଲୁସିଆନା ରୋସି ଓ ଲୁଇଗୀ ରୋସୋ ଏବଂ ଝିଅ ପ୍ରତୀକ୍ଷା କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟ କୁମାର ଦରୱାନ ଙ୍କ ଦ୍ଵାର ବିଦେଶୀ ଦମ୍ପତି ଏବଂ ପୋଷ୍ୟ ସନ୍ତାନ ଝିଅ ପ୍ରତୀକ୍ଷା କୁ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରକାଶ ଥାଉକି ପୋଷ୍ୟ ସନ୍ତାନ ଝିଅ ପ୍ରତୀକ୍ଷା କୁ ସେପ୍ଟେମ୍ବର ୨୧ ତାରିଖ ୨୦୧୬ ମସିହାର ଇଟାଲୀର ଏହି ଦମ୍ପତି ନିଜର ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିନେଇଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ କରିବା ର ୮ ବର୍ଷ ପରେ ବିଦେଶରୁ ନିଜର ଜନ୍ମ ମାଟି କଳାହାଣ୍ଡି କୁ ପ୍ରତୀକ୍ଷା ନିଜର ମା ବାପା ସହିତ ମିଶି ଆସିଥିବା ରୁ ଖୁସି ଅନୁଭବ କରିଛି ଓ ଇଟାଲୀ ରେ ଭଲରେ ରହି ପାଠ ପଢୁଥିବା କହିଥିଲେ। ଇଟାଲୀର ଏହି ଦମ୍ପତି ଝିଅ ପ୍ରତୀକ୍ଷା କୁ ପାଇ ବହୁତ ଖୁସି ବିଶେଷ କରି କଳାହାଣ୍ଡି ଆସିଥିବାରୁ ଏବଂ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବାରୁ ଜିଲ୍ଲା ପ୍ରଶାସନ ଓ ନେହେରୁ ସେବା ସଂଘକୁ ପ୍ରଶଂସା କରିଥିଲେ । ଏହି ଅବସରରେ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ମହକ ଏବଂ ଉତ୍ସାହ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜିଲ୍ଲାର ଶିଶୁମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସି.ଡବ୍ଲ୍ୟୁ.ସି. ର ଅଧ୍ୟକ୍ଷ ରୂପ କିଶୋର ହୋତା, ପୂର୍ବତନ ସି.ଡବ୍ଲ୍ୟୁ.ସି. ର ଅଧ୍ୟକ୍ଷ ଅଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଲୋକ ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲ୍ଲାପାଳ ମମତା ଦାସ୍, ଡି.ସି.ପି.ୟୁ. ରାଜଲକ୍ଷ୍ମୀ, ଓମ୍ ପ୍ରକାଶ ଅଗ୍ରୱାଲ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟ ର ପ୍ରୋଗ୍ରାମ ଅଫିସର ଅଂଶୁମାନବାବୁ ପରିଚାଳନା କରିଥିଲେ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନାଲକୋ ସରସ୍ତୀ ଦ୍ୟା ମନ୍ଦିର ର ୩୯ତମ ର୍ଷିକ ଉତ୍ସବ



ଅନୁଗୋଳ,(ମହାଭାରତ):ନାଲକୋ ସରସ୍ତୀ ବିଦ୍ୟା ମନ୍ଦିର ର ୩୯ତମ ର୍ଷିକ ଉତ୍ସବ ଅଧକ୍ଷ ଡକ୍ଟର ଶତ୍ରୁଘ୍ନ ବେହେରା ଙ୍କ ତ□ାବଧାନ ରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ନାଲକୋ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏନ .ଏସ ସୁବ୍ରମଣ୍ୟମ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଉତ୍ସବ ଉଦଘାଟନ କରିଥିଲେ। ବିଦ୍ୟାଳୟ ର ସଂପାଦକ ଶ୍ରୀ ପ୍ରଭାତ କୁମାର ଧର ଅତିଥି ପରିଚୟ ଦେଇ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଧରଣୀଧର ନାଥ ,ନିମନ୍ତ୍ରିତ ଅତିଥି ଶ୍ରୀ ଏସ. ଏସ ପାତ୍ର ଅନ୍ୟାନ୍ୟ ଆମନ୍ତ୍ରିତ ଅତିଥି ଶ୍ରୀ ପ୍ରମୋଦ କୁମାର ମହାନ୍ତି ,ଶ୍ରୀ ଅମରେନ୍ଦ୍ର ମିଶ୍ର ,ଶ୍ରୀ ସତ୍ୟବାଦୀ ମିଶ୍ର ,ଶ୍ରୀ ପ୍ରଶାନ୍ତ କୁମାର ତ୍ରିପାଠୀ ,ଶ୍ରୀ ଶୁଭେନ୍ଦୁ ନାୟକ ,ଶ୍ରୀ ଅଜିତକୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେୟ ଛାତ୍ରଛାତ୍ରୀମାନେ ସମବେତ କଣ୍ଠ ସଙ୍ଗୀତ, ବାଦ୍ୟବିଚିତ୍ର,ବିଭିନ୍ନ ନୃତ୍ୟ ପରିବେଷଣ କରିବା ସହ ନାଟକ ଅଧକ୍ଷ ଡକ୍ଟର ଶତ୍ରୁଘ୍ନ ବେହେରା ଙ୍କ ଦ୍ୱାରା ରଚନା,ଶ ଶ୍ରୀମତୀ ନଳୀନି ପ୍ରଭା ଙ୍କ ନିର୍ଦ୍ଦେଶନାରେ ତୁମେମାନେ ବି ମୋର ଆପଣାର ପ୍ରଦର୍ଶିତ ହୋଇଥିଲା । ହାଇସ୍କୁଲ ପରୀକ୍ଷାରେ ଗ୍ରେଡ ଏ ୧ ପାଇଥିବା ଛାତ୍ରଛାତ୍ରୀ, ଯୁକ୍ତଦୁଇ କଳା ଓ ବିଜ୍ଞାନ ରେ ପ୍ରଥମ ସ୍ଥାନ ଲାଭକରିଥିବା, ପଠାଣିସାମନ୍ତ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସରସୀ ସ୍ୱାଇଁ, ଅହିଂସା ପ୍ରୀୟଦର୍ଶିନୀ ସେନାପତି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ୟନୃତ୍ୟ କାର୍ଯ୍ୟକ୍ରମ ରେ ଶ୍ରୀମତୀ କଲ୍ୟାଣୀ ମହାନ୍ତି, ଦେବସ୍ମିତା ପତି,ବିଜୟଲକ୍ଷ୍ମୀ ନନ୍ଦ,ସୁଜାତା ସାହୁ,ଜଗନ୍ନାଥ ପାଣିଗ୍ରାହୀ, ଗଦାଧର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ୟବିଦ୍ୟାଳୟର ଉପାଧକ୍ଷା ଶ୍ରୀମତୀ ସସ୍ମିତା ମହାନ୍ତି ଧନ୍ୟାଦ ଅର୍ପଣ କରିଥିଲେ।

# ନୂଆଗାଁ ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଜିଲ୍ଲା ଶିକ୍ଷା ଅଧିକାରୀ



ନୂଆଗାଁ (ମହାଭାରତ) : ନୂଆଗାଁ ବ୍ଲକ ସଦରମହକୁମାରେ ଥିବା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ । ସୂଚନା ଥାଉକି ନୂଆଗାଁ ଆଦର୍ଶ ବିଦ୍ୟାଳୟ ମ୍ୟର ଗତିରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଆଜି ଅପରାହ୍ନରେ ଜିଲ୍ଲା ଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ ପହଞ୍ଚି କାର୍ଯ୍ୟ ତଦାରଖ କରିବା ସହ ତୁରନ୍ତ କାମ ସାରିବାକୁ ଠିକା ସଂସ୍ଥା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଦିପ୍ତିମୟୀ ପ୍ରିୟଦର୍ଶିନୀ, ନୂଆଗାଁ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅବଧି ଶେଷ ହୋଇଥିଲେ ମଧ ଡିସେମ୍ବର ସୁଧା ନିର୍ମାଣ କାର୍ଯ୍ୟ ଶେଷ କରିବେ ବୋଲି ଠିକା ସଂସ୍ଥା ସମୟ ମାଗିଥିଲେ କିନ୍ତୁ ତାହା ସଂପୂର୍ଣ୍ଣ ହୋଇ ନାହିଁ। ସେପଟେ ଅସ୍ଥାୟୀ ଶ୍ରେଣୀ ଗୃହରେ ଚାଲିଛି ପିଲାଙ୍କ ପାଠପଢ଼ା। ଶ୍ରେଣୀ ଗୃହ ଅଭାବରୁ ଛାତ୍ରଛାତ୍ରୀ ହନ୍ତସନ୍ତ ଦେଖାଯାଉ ଠିକା ସଂସ୍ଥା କେବେ ନିର୍ମାଣ କାର୍ଯ୍ୟ ଶେଷ କରୁଛି ତାହା ଦେଖିବାକୁ ବାକି ରହିଲା।

# ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳିର ପରିପ୍ରକାଶର ମାଧ୍ୟମ ଶିଶୁଉତ୍ସବ



ରା -ଉଦୟଗିରି (ମହାଭାରତ): ତା ୨୦.୧୨.୨୪ ରିଖ ଶୁକ୍ରବାର ଦିନ ଗଜପତି ଜିଲ୍ଲା ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ର ଚଳିତ ବର୍ଷର ଶିଶୁ ଉତ୍ସବ ରା. ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।ଉଦଘାଟନୀ ଉତ୍ସବରେ ରା. ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ବୀରେନ୍ଦ୍ର କୁମାର ମଣ୍ଡଳ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ କୁମୁଦିନୀ ଗମାଙ୍ଗ ସମିତିସଭ୍ୟ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଗମାଙ୍ଗ ଯୋଗ ଦେଇଥିଲେ। ଉଦଘାଟନ ପରେ ୧୦ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା ଉଦଯାପନୀ ଉତ୍ସବ ରେ ଜିଲ୍ଲା ଶିକ୍ଷାଧିକାରୀ ଡ଼. ମାୟାଧର ସାହୁ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ବୀରେନ୍ଦ୍ର କୁମାର ମଣ୍ଡଳ ସରପ□ ଶ୍ରୀମତୀ କୁମୁଦିନୀ ଗମାଙ୍ଗ ଓଷ୍ଟା ସଭାପତି ଶ୍ରୀ ବି. ତିରୁମାଲା ରାଓ ପଟନାୟକ ଓଷ୍ଟା କାର୍ଯ୍ୟକାରୀ ସଭାପତି ଶ୍ରୀ ଚି□ ରଞ୍ଜନ ପଣ୍ଡା ଓଷ୍ଟା ଉପସଭାପତି ଶ୍ରୀ ପ୍ରଶାନ୍ତ କୁମାର ବିଷୋୟୀ ଓଷ୍ଟା ସମ୍ପାଦକ ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି ଓଷ୍ଟା ସହ ସମ୍ପାଦକ ଶ୍ରୀ ମେନକା ରାଓ ଜିଲ୍ଲା ଇ ସି ସଦସ୍ୟ ଶ୍ରୀ ଲୋକନାଥ ନାହାକଙ୍କ ସମେତ ମୋହନା ବ୍ଲକ ସମ୍ପାଦକ ଶ୍ରୀ ସୌମ୍ୟ ରଞ୍ଜନ ଦାସ ରା. ଉଦୟଗିରି ବ୍ଲକ ସମ୍ପାଦକ ଶ୍ରୀ ସୁବାସ ଚନ୍ଦ୍ର ସାହୁ ରଂଡିବା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରାୟ ୧୦୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀ ଏହି ଭଳି ଶିଶୁ ଉତ୍ସବ ମାଧ୍ୟମରେ ପରିପ୍ରକାଶ ହୋଇପାରିବ ବୋଲି ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ ଓଷ୍ଟାର ମେଧା ଅନ୍ୱେଷଣ ପରୀକ୍ଷା ଶିଶୁଉତ୍ସବ ଓଷ୍ଟା ଟେଷ୍ଟ ପେପର, ସମାନ୍ତରାଳ ପ୍ରଶ୍ନପତ୍ର ଯୋଗାଇବା ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମକୁ ଅତିଥି ବୃନ୍ଦ ଭୁୟସୀ ପ୍ରଶଂସା କରିଥିଲେ । ଚଳିତ ବର୍ଷ ଜିଲ୍ଲା ଓଷ୍ଟା ସଂଘ ତରଫରୁ ଓଷ୍ଟା ସଭାପତି ଶ୍ରୀ ବି ତିରୁମାଲା ରାଓ ପଟନାୟକ ଜିଲ୍ଲା ସମ୍ପାଦକ ଶ୍ରୀ ପ୍ରଫୁଲ କୁମାର ମହାନ୍ତି ଉପସଭାପତି ଶ୍ରୀ ପ୍ରଶାନ୍ତ କୁମାର ବିଷୋୟୀ ଓ ରା ଉଦୟଗିରି ବ୍ଲକ ସମ୍ପାଦକ ଶ୍ରୀ ସୁବାସ ଚନ୍ଦ୍ର ସାହୁଙ୍କୁ ଜୀବନବ୍ୟାପି ସାଧନା ପାଇଁ ମୁଖ୍ୟ ଅତିଥି ତଥା ଜିଲ୍ଲା ଶିକ୍ଷାଧିକାରୀ ଡ଼. ମାୟାଧର ସାହୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ପ୍ରତି ବିଭାଗରୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସିଲଡ଼ ଓ ପ୍ରମାଣପତ୍ର ଦେଇ ଅତିଥିବୃନ୍ଦ ଉତ୍ସାହିତ କରିଥିଲେ ୧୦ ଟି ବିଭାଗରୁ ଦଶ ଜଣ ଛାତ୍ର ଛାତ୍ରୀ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ। ରାଜ୍ୟ ପୁରସ୍କୃତ ଶିକ୍ଷକ ଶ୍ରୀ ସୁବାସ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ ଓ ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ଭାବ୍ୟ ନଗରପାଳ ଉପର୍ନିବାଚନ


# କିଏ ହାତେଇବ ଜୁନାଗଡ଼ ଆସନ ?

ଜୁନାଗଡ଼,, ମହାଭାରତ: ରାଜ୍ୟରେ ଅନାସ୍ଥା ପ୍ରସ୍ଥାବରେ ବିଭିନ୍ନ ପୋରା□ଳର ନଗରପାଳ ମାନେ ନିଜ ପଦବୀ ହରେଇବା ପରେ,ତାଙ୍କ ସ୍ଥାନରେ ଭାରପ୍ରାପ୍ତ ଅଧ୍ୟକ୍ଷ ମାନେ ଦାୟିତ୍ୱରେ ଅଛନ୍ତି। ସାମ୍ବିଧାନିକ ବିଧିବ୍ୟବସ୍ଥା କ୍ରମେ ଆଗାମୀ ଦିନରେ ଏହି ପୋରାଞ୍ଚଳ ଗୁଡିକରେ ଉପର୍ନିବାଚନ ହେବା ଏକରକମ ସୁନିଶ୍ଚିତ ବୋଲି ଧରାଯାଇପାରେ। ରାଜ୍ୟରେ ବିଜେପି ସରକାର ଥାଇବି ଅନାସ୍ଥା ପ୍ରସ୍ତାବରେ ପଦ ହରାଇଲେ ଜୁନାଗଡ଼ର ବିଜେପି ନଗରପାଳ। ବାରଗୋଟି ୱାର୍ଡ ବିଶିଷ୍ଟ ଏହି ଏନଏସିରେ ବିଜେଡିର ଦଶଜଣ କାଉନସିଲର ଥିବା ଯୋଗୁଁ ,ବିଜେପି ଦଳର ନଗରପାଳଙ୍କୁ ପଦରୁ ହଟାଇବା, ବିଜେଡି ପାଇଁ ଅନାସ୍ଥାରେ ସହଜ ହୋଇଥିଲା। ଗତ ପୌର ର୍ନିବାଚନ ରେ ଏଠାରୁ ବିଜେପି ପ୍ରାର୍ଥୀ ର୍ନିବାଚିତ ହୋଇ ନଗରପାଳ ହୋଇଥିଲେହେଁ, ବାରଟି ୱାର୍ଡରୁ ଦଶଟିରେ ବିଜେଡି ବାଜିମାତ କରିଥିଲା। ଗତ ବିଧାନସଭା ର୍ନିବାଚନରେ ଜୁନାଗଡ଼ ଏନଏସିର ଭୋଟରଙ୍କ ବହୁମତ ଯୋଗୁଁ ଜୁନାଗଡ଼ ର୍ନିବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ବିଜୟ ସାକାର ହେବା ରାଜନୈତିକ ବିଶେଷଜ୍ଞ ପ୍ରକାଶ କରନ୍ତି ।ଏହି ପୋରା□ଳର ଆଗାମୀ ଦିନରେ ଉପର୍ନିବାଚନ ହେଲେ ,କେଉଁ ଦଳରୁ କିଏ ନଗରପାଳ ପ୍ରାର୍ଥୀ ହେବ ତାହାକୁ ନେଇ ଖଟି ଖଟିରେ ଚର୍ଚ୍ଚା ଜୋର ଧରିଲାଣି। ଜୁନାଗଡ଼ ବିଧାନସଭା ର୍ନିବାଚନ ମଣ୍ଡଳୀରେ ବିଜେଡିର ବିଧାୟକ ଥିଲେହେଁ, ରାଜ୍ୟରେ ବିଜେପି ସରକାର ରହିଛି। ସରକାରୀ ଦଳର ବିଭିନ୍ନ ସମୟରେ ମନ୍ତ୍ରୀ ନେତାଙ୍କ ଗସ୍ତ ସାଙ୍ଗକୁ ବିଭିନ୍ନ ସାଙ୍ଗଠନିକ ଦଳୀୟ କାର୍ଯ୍ୟକ୍ରମ ବିଜେପି କର୍ମୀଙ୍କୁ ଉତ୍ସାହିତ କରି ରଖିଛି। ବିଜେପି ଏବେ କାହାକୁ ନଗରପାଳ ପ୍ରାର୍ଥୀ କରୁଛି,, ?ଏହି କ୍ରମରେ ଆଶାୟୀ ପ୍ରାର୍ଥୀ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ତଥା ଜଣେ ଯୁବ ନେତୃତ୍ୱ ପୂର୍ବତନ ନଗରପାଳ, ଜଣେ ପୂର୍ବତନ କାଉନସିଲର, ଦଳର ଜଣେ ସକ୍ରିୟ ନେତା ତଥା ଆଇନଜୀବୀ, ଜଣେ ଯୁବ ବ୍ୟବସାୟୀ ଚର୍ଚ୍ଚାରେ ଅଛନ୍ତ ।ଅନ୍ୟ ପକ୍ଷରେ ଏହି ର୍ନିବାଚନ ମଣ୍ଡଳୀରେ ବିରୋଧୀ ଦଳ ବିଜେଡିର ବିଧାୟକ ଅଛନ୍ତି। ଗତ ପୋରା□ଳ ନଗରପାଳ ର୍ନିବାଚନରେ ଏଠାରୁ ବିଜେଡି ପ୍ରାର୍ଥ ପରାଜିତ ହୋଇଥିଲେହଁ, ଗତ ବିଧାନସଭା ର୍ନିବାଚନରେ କିନ୍ତୁ ସହରରୁ ଅଧିକ ଭୋଟ ହାତେଇବାରେ ସକ୍ଷମ ହୋଇଥିଲା ବିଜେଡି। ଏଠାରେ ବିଜେଡି ନିଜର ପୂର୍ବ ପ୍ରାର୍ଥୀଙ୍କୁ ଦୋହରାଇବ କିମ୍ବା ନୂତନ ପ୍ରାର୍ଥୀ ଦେବ ତାହାକୁ ନେଇ ଅନିଶ୍ଚିତତା ରହିଛି। ଏହି ଦଳରୁ ଦୁଇଜଣ ବ୍ୟବସାୟୀ-ଉଦ୍ୟୋଗପତି,ଜଣେ ଯୁବ କାଉନସିଲର, ଦୁଇଜଣ ମହିଳା କାଉନସିଲର, ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗତ ପୌର ଓ ବିଧାନସଭା ର୍ନିବାଚନରେ ନୈରାଶ୍ୟ ଜନକ ପ୍ରଦର୍ଶନ କରିଥିବା କଂଗ୍ରେସର ସାଙ୍ଗଠନିକ ସ୍ଥିତି ଏଠାରେ ସେତେଟା ସୁଧରୁଢ଼ ଥିବା ମନେ ହୁଏ ନାହିଁ। ଜୁନାଗଡ଼ ପୋରା□ଳରେ ଉଭୟ ଶାସକ ବିଜେପି-ବିରୋଧୀ ବିଜେଡ଼ି ମଧ୍ୟରେ ସାଙ୍ଗଠନିକ ସମ ତୁଳନାତ୍ମକ ସ୍ଥିତି ରହିଛି। ଆଗାମୀ ଦିନରେ ର୍ନିବାଚନ ହେଲେ ଉଭୟ ଶାସକ ଓ ବିରୋଧୀ ଦଳର ପ୍ରାର୍ଥୀ ଚୟନ ଓ କଂଗ୍ରେସ ଯଦି ଉପଯୁକ୍ତ ପ୍ରାର୍ଥ ଚୟନ କଲେ ସ୍ଥିତି ରୋଚକ ହେବା ସୁନିଶ୍ଚିତୟଆଶାୟୀ ପ୍ରାର୍ଥୀମାନେ ଏବେଠୁ ନିଜର ପାରିବା ପଣିଆ, ଦକ୍ଷତା, ପତିଆରା ନେତା ତଥା ଦଳସମ୍ମୁଖରେ ପ୍ରଦର୍ଶିତ କରୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ରାଜନୈତିକ ଟଣା-ଓଟରା ଯୋଗୁଁ ବିକାଶ ଧିମେଇ ଯାଉଥିବା ବେଳେ, ଭୋଟର ଆଗାମୀ ରାଜନୈତିକ ପାଣିପାଗକୁ ଉତ୍ସୁକତାର ସହ ଅନେଇଛନ୍ତ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଦୁଇଦିନିଆ କୁଏତ ଯାତ୍ରାରେ ପିଏମ ମୋଦି



**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାରଠୁ ଦୁଇଦିନିଆ କୁଏତ ଗ୍ରସ୍ତରେ ଯାଇଛନ୍ତି। ଏହି ଗ୍ରସ୍ତରେ ସେ କୁଏତର ଶୀର୍ଷ ନେତୃତ୍ୱ ସହ କଥାହେବା ସହ ସେଠାରେ ରହୁଥିବା ଭାରତୀୟ ମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ବିଗତ ୪୩ ବର୍ଷ ମଧ୍ୟରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହା ପ୍ରଥମ ମିଡ଼ିଲ-ଇଷ୍ଟ ଗ୍ରସ୍ତ । ପିଏମ ମୋଦି କୁଏତରେ ଅବତରଣ କରିବା କୁଏତର ଶୀର୍ଷ ନେତୃତ୍ୱ ବୃନ୍ଧ ତାଙ୍କୁ ପାଛୋଟି ନେଇଥିଲେ। ସେ ରହୁଥିବା ହୋଟେଲରେ ସ୍ଥାନିୟ ଭାରତୀୟମାନେ ତାଙ୍କୁ ଭାବପୂର୍ଣ୍ଣ ସ୍ୱାଗତ କରିଛନ୍ତି । କୁଏତର ରାଜା ଶେଖ ମିଶଲ ଅଲ-ଅହମ୍ମଦ ଅଲ-ଜାବେର ଅଲ-ସବାହଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାମମନ୍ତ୍ରୀ ନରେନ୍ଦ୍ର ମୋଦୀ କୁଏତ ଗ୍ରସ୍ତ କରିଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ରକ୍ଷା, ବାଣିଜ୍ୟ ଓ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଅନେକ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ଆଶା ରହିଛି । କୁଏତରେ ପହଞ୍ଚିବା ପରେ ତାଙ୍କୁ କୁଏତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ସେଖ ଫହାଦ ୟୁସେଫ ଅଲ-ସବାହ ତାଙ୍କୁ ରେଡ କାର୍ପେଟରେ ସ୍ୱାଗତ କରିଥିଲେ । ଶନିବାର ସନ୍ଧ୍ୟାରେ କୁଏତରେ ହାଲା ମୋଦୀ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ନରେନ୍ଦ୍ର ମୋଦି ପାଖାପାଖି ୫୦୦୦ରୁ ଅଧିକ ଭାରତୀୟ ମାନଙ୍କୁ ସମ୍ବୋଧନ କରିବାକୁ ଯାଉଛନ୍ତି । ଏହି କାର୍ଯ୍ୟକ୍ରମ ପରେ ଆରବିଆନ ଗଲ୍ଫ କପ ନାମରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ମଧ ରହିଛି । ଭାରତ ସହ କୁଏତର ର୍ଦିଘ ଦଶନ୍ଧିର ଐତିହାସିକ ସମ୍ପର୍କ ରହିଛି । ଉଭୟ ଦେଶ କେବଳ ଯେ ବାଣିଜ୍ୟିକ କି ଶକ୍ତି କ୍ଷେତ୍ରରେ ସାଥିରେ କାମ କରୁଛନ୍ତି ତାହା ନୁହେଁ । ଉଭୟ ଦେଶ ପଶ୍ଚିମ ଏସିଆରେ ଶାନ୍ତି, ସୁରକ୍ଷା, ସ୍ଥିରତା ଓ ସମୃଦ୍ଧତା ଚାହାନ୍ତି ବୋଲି ନରେନ୍ଦ୍ର ମୋଦି ନିଜ ଭାଷଣରେ କହିଛନ୍ତି । ତେବେ ୧୯୮୧ ମସିହାରେ ଇନ୍ଦିରା ଗାନ୍ଧୀ ଶେଷ ପ୍ରଧାନମନ୍ତ୍ରୀ ଭାବେ କୁଏତ ଗ୍ରସ୍ତ କରିଥିଲେ ।

## ଖ୍ରୀଷ୍ଟମାସ ସପିଂ ବେଳେ ମାଡ଼ିଗଲା କାର୍; ୨ ମୃତ, ୬୫ ଆହତ

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ଖ୍ରୀଷ୍ଟମାସ ସପିଂ ପାଇଁ ମାର୍କେଟରେ ଲୋକ ଗହଳି ଥିବା ବେଳେ ଆଖି ପିଛୁଳାକେ ମାଡ଼ି ଆସିଲା କାର୍। ଦେଖୁ ଦେଖୁ କାର୍ଟି ପ୍ରାୟ ୭୦ରୁ ଅଧିକ ଲୋକଙ୍କ ଉପରେ ମାଡ଼ିଗଲା । ସେମାନଙ୍କ ମଧ୍ୟରୁ ୨ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୬୫ରୁ ଅଧିକ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୧୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ପୁଲିସ୍ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେ ଜଣେ ଡାକ୍ତର ବୋଲି ଜଣାଯାଇଛି । ଖ୍ରୀଷ୍ଟମାସ ପୂର୍ବରୁ ସପିଂ ନିମନ୍ତେ ଜର୍ମାନୀର ମ୍ୟାକଡବର୍ଗ ବଜାରରେ ବେଶ୍ ଲୋକ ଗହଳି ଥିଲା । ଏହି ସମୟରେ ହଠାତ ଏକ କାର୍ ମାଡ଼ି ଆସି ଲୋକଙ୍କ ଉପରେ ଚିଗଲା । ଫଳରେ ଦେଖୁଦେଖୁ ବଜାହରେ ହୋହଲ୍ଲା ହେବା ସହ ଲୋକେ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ । ଉତ୍ତ୍ୟକ୍ତ ଲୋକେ କାର୍ ଚାଳକଙ୍କୁ ଅଟକ ରଖିଥିବା ବେଳେ ପୁଲିସ୍ ପହଞ୍ଚି ତାଙ୍କୁ ବାନ୍ଧିଛି । ଅଭିଯୁକ୍ତଜଣକ ପେସାରେ ଜଣେ ଡାକ୍ତର ହୋଇଥିବା ବେଳେ ତାଙ୍କ ବୟସ ୫୦ ବର୍ଷ ବୋଲି ଜଣାଯାଇଛି ।

# ବାଂଲାଦେଶରେ ବୃଦ୍ଧି ପାଉଛି ହିନ୍ଦୁ ବିରୋଧୀ ହିଂସା



**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ବୃଦ୍ଧି ପାଉଛି । ୨୦୨୪ରେ ଏବେ ସୁଦ୍ଧା ସେଠାରେ ୨୨୦୦ରୁ ଅଧିକ ହିନ୍ଦୁଙ୍କ ଉପରେ ଆକ୍ରମଣ ମାମଲା ସାମ୍ନାକୁ ଆସିଛି ବୋଲି ଗତକାଲି ଭାରତ ସରକାର ସୂଚନା ଦେଇଥିଲେ । ଆଜି (ଶନିବାର) ବାଂଲଦେଶ ଅନ୍ତରୀଣ ସରାକାରର ମୁଖ୍ୟ ମହମ୍ମଦ ୟୁନୁସ ଭାରତର ଏହି ତଥ୍ୟ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ସଂଖ୍ୟାଲଘୁଙ୍କ ଉପରେ ହୋଇଥିବା ଆକ୍ରମଣ ନେଇ ଭାରତ ଦେଇଥିବା ତଥ୍ୟ ବିଭ୍ରାନ୍ତିକର । ଭାରତର ବୈଦେଶିକ ମନ୍ତ୍ରାଳୟର ସୂଚନା ଅନୁସାରେ, ବାଂଲାଦେଶରେ ୨୦୨୨ରେ ୪୪ଟି ହିନ୍ଦୁ ବିରୋଧୀ ହିଂସା ଘଟିଥିବା ବେଳେ ୨୦୨୩ରେ ୩୦୨ ଏବଂ ୨୦୨୪ରେ ଏହି ସଂଖ୍ୟା ୨୨୦୦ । ତେବେ ୟୁନୁସ କହିଛନ୍ତି, ଭାରତ ଦେଇଥିବା ଏହି ତଥ୍ୟ ବିଭ୍ରାନ୍ତିକର ଏବଂ ଅତିରଞ୍ଜିତ । ଭାରତର ତଥ୍ୟକୁ ମିଥ୍ୟା କହୁଥିବା ୟୁନୁସଙ୍କ ବାଂଲାଦେଶରେ ପୁଣି ଥରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଛି। ମେମନସିଂହ ଏବଂ ଦିନାଜପୁରରେ ଥିବା ମନ୍ଦିରରେ ଉପଦ୍ରବକାରୀ ଭଙ୍ଗାରୁଜା କରିଛନ୍ତି । ଏହି ଦୁଇଟି ସ୍ଥାନରେ ୮ରୁ ଅଧିକ ହିନ୍ଦୁ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦିଆଯାଇଛି । ବଂଲାଦେଶ ସରକାରଙ୍କ ପକ୍ଷରୁ କୁହାଯାଇଛି, ବାଂଲାଦେଶର ଅନ୍ତରୀଣ ସରକାର ଏହି ଘଟଣାର ତଦନ୍ତ କରୁଛନ୍ତି ଏବଂ ଅପରାଧିଙ୍କୁ ଦଣ୍ଡ ମିଳିବ । ପୋଲିସ ମୁଖ୍ୟାଳୟ ଅନୁସାରେ, ୪ ଅଗଷ୍ଟରୁ ୧୦ ଡିସେମ୍ବର ମଧ୍ୟରେ ପ୍ରାୟ ୯୭ଟି ମାମଲା ରୁଜୁ ହୋଇଛି । ଅଗଷ୍ଟରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଅଭିଯୋଗରେ ୭୫ ଜଣଙ୍କୁ ଗିରଫ କରାଯାଇଛି । ୟୁନୁସ ସରକାର କହିଛନ୍ତି,'ଏଥିରୁ କିଛି ଘଟଣା ୫ ଅଗଷ୍ଟରୁ ୮ ଅଗଷ୍ଟ ମଧ୍ୟରେ ଘଟିଛି, ସେତେବେଳେ କେଣସି ସରକାର ଗଠନ ହୋଇନଥିଲା । ଅଧିକାଂଶ ଆକ୍ରମଣ ରାଜନୀତି ପ୍ରଣୋଦିତ ଥିଲା । ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ ଘୃଣା ସୃଷ୍ଟିକାରୀ ମିଥ୍ୟା ତଥ୍ୟ ନଦିଅନ୍ତୁ ।'

# ପିଥୋରାଗଡ଼ରେ ଭୟଙ୍କର ଭୂସ୍ଖଳନ

**ପିଥୋରାଗଡ,୨୧।୧୨(ଏଜେନ୍ସି):** ଉତ୍ତରାଖଣ୍ଡର ପିଥୋରାଗଡ଼ରେ ଭୟଙ୍କର ଭୂସ୍ଖଳନ ହୋଇଛି । ଧାରଚୁଲା-ତୱାଘାଟ ଜାତୀୟ ରାଜପଥରେ ଏହି ଭୂସ୍ଖଳନ ଘଟିଛି । ଭୂସ୍ଖଳନ ପରେ ଅନେକ ଯାନବାହନ ଏଠାରେ ଅଟକି ରହିଛି । ଭୂସ୍ଖଳନ ଏତେ ଭୟଙ୍କର ଥିଲା ଯେ ଚାରିଆଡ଼େ ଧୂଳିର ମେଘ ପଡ଼ିଥିଲା । ଶହ ଶହ ଲୋକ ନିଜ ଜୀବନ ବଞ୍ଚାଇବା ପାଇଁ ଏଠାରେ ଦୌଡ଼ିବାକୁ ଲାଗିଲେ । ସୌଭାଗ୍ୟବଶତଃ ଭୂସ୍ଖଳନ ଘଟିବା ସମୟରେ କୌଣସି ଗାଡ଼ି ଏହା ଦେଇ ଯାଉନଥିଲା, ନଚେତ ବଡ଼ ଧରଣର ଦୁର୍ଘଟଣା ଘଟିଥାନ୍ତା । ତେବେ ସୂଚନା ଅନୁସାରେ ଏହି ଭୂସ୍ଖଳନ ପ୍ରାକୃତକ କାରଣରୁ ନୁହେଁ ବରଂ ମନୁଷ୍ୟକୃତ କାରଣରୁ ହୋଇଥିଲା । ରାଜପଥରେ କାମ କରୁଥିବା ହିଲୱେଜ୍ କମ୍ପାନୀ ଡିନାମାଇଟ୍ ବିସ୍ଫୋରଣ କରି ପଥର ଭାଙ୍ଗୁଥିଲା । ଫଳରେ ପୂରା ଚଟାଣ ଫାଟି ଯିବା ସହ ଭୂସ୍ଖଳନ ଘଟିଥିଲା । ତେବେ ସୂଚନା ଅନୁସାରେ ଏହି ଭୂସ୍ଖଳନ ପ୍ରାକୃତକ କାରଣରୁ ନୁହେଁ ବରଂ ମନୁଷ୍ୟକୃତ କାରଣରୁ ହୋଇଥିଲା । ରାଜପଥରେ କାମ କରୁଥିବା ହିଲ୍ ୱେଜ୍ କମ୍ପାନୀ ଡିନାମାଇଟ୍ ବିସ୍ଫୋରଣ କରି ପଥର ଭାଙ୍ଗୁଥିଲା । ଫଳରେ ପୂରା ଚଟାଣ ଫାଟି ଯିବା ସହ ଭୂସ୍ଖଳନ ଘଟିଥିଲା । ତେବେ ପୂର୍ବରୁ ଏ ନେଇ ସତର୍କତା ଜାରି କରାଯାଇଥିବାରୁ ବିସ୍ଫୋରଣ ସମୟରେ ଉକ୍ତ ଅଂଚଳରେ ସୀମିତ ସଂଖ୍ୟକ ଲୋକ ଓ ଯାନବାହାନ ଥିଲେ । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଏହି ଘଟଣାକୁ ଗରୁତ୍ୱ ଦେଇ ଯଥାଶୀଘ୍ର ରାସ୍ତା ଖୋଲିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଥାଶୀଘ୍ର ରାସ୍ତା ଖୋଲିବା ସହ ଆବର୍ଜନା ହଟାଇବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଓ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।


# ପୁରୁଣା ଗାଡ଼ି ବିକ୍ରି ଉପରେ ଲାଗିବ ୧୮% ଜିଏସଟି

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ଯଦି ଆପଣ ନିଜର ପୁରୁଣା କାରକୁ ବିକ୍ରି କରି ସେହି ଟଙ୍କାରେ ନୂଆ କାର୍ କିଣିବାକୁ ଚିନ୍ତା କରୁଛନ୍ତି, ତେବେ ଆପଣଙ୍କ ପାଇଁ ଚିନ୍ତାର ଖବର ଆସିଛି, କାରଣ ସରକାର ପୁରୁଣା ଗାଡି ବିକ୍ରି ଉପରେ ଜିଏସଟି ହାର ୧୮%କୁ ବୃଦ୍ଧି କରିଛନ୍ତ । ଶନିବାର ରାଜସ୍ଥାନର ଜୟସେଲମେରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ୫୫ ତମ ଜିଏସଟି ପରିଷଦ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି । ସରଳ ଭାଷାରେ କହିବାକୁ ଗଲେ ଏବେ ପ୍ରି-ଓନଡ୍ କାର୍ କିଣିବା ପାଇଁ ପୂର୍ବ ଅପେକ୍ଷା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । କାରଣ ଏବେ ଏସବୁ କାର ଉପରେ ଲାଗୁ ଜିଏସଟି ହାର ୧୨ ପ୍ରତିଶତରୁ ୧୮ ପ୍ରତିଶତକୁ ବୃଦ୍ଧି କରାଯାଇଛି । କେବଳ ପେଟ୍ରୋଲ ଓ ଡିଜେଲ କାର ନୁହେଁ, ଏହି ନିୟମର ପ୍ରଭାବ ସିଏନଜି ଏବଂ ଇଲେକ୍ଟ୍ରିକ୍ ଯାନ ଉପରେ ମଧ ଦେଖିବାକୁ ମିଳିବ । ଅର୍ଥାତ ଯଦି ଆପଣ ପୁରୁଣା ଇଭି କିଣନ୍ତି ତେବେ ଆପଣଙ୍କୁ ୧୮ ପ୍ରତିଶତ ହାରରେ ଜିଏସଟି ଦେବାକୁ ପଡିବ। ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେବଳ ପେଟ୍ରୋଲ ଓ ଡିଜେଲ କାର ନୁହେଁ, ଏହି ନିୟମର ପ୍ରଭାବ ସିଏନଜି ଏବଂ ଇଲେକ୍ଟ୍ରିକ୍ ଯାନ ଉପରେ ମଧ ଦେଖିବାକୁ ମିଳିବ । ଅର୍ଥାତ ଯଦି ଆପଣ ପୁରୁଣା ଇଭି କିଣନ୍ତି ତେବେ ଆପଣଙ୍କୁ ୧୮ ପ୍ରତିଶତ ହାରରେ ଜିଏସଟି ଦେବାକୁ ପଡିବ । ଆଜିର ଜିଏସଟି ପରିଷଦ ବୈଠକରେ ଜୀବନ ଓ ସ୍ୱାସ୍ଥ୍ୟବୀମା ଉପରେ ଲାଗୁ ଜିଏସଟି ହାର ସଂପର୍କିତ ନିଷ୍ପତ୍ତିକୁ ବିଳମ୍ବିତ କରାଯାଇଛି ।

# ଭୂମିକମ୍ପରେ ଥରିଲା ନେପାଳ ଏବଂ ଉତ୍ତରାଖଣ୍ଡ

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ଭୂମିକମ୍ପରେ ଥରିଲା ଭାରତର ପଡୋଶୀ ଦେଶ ନେପାଳ । ଏହି ଭୂକମ୍ପର ଝଟକା ଆଜି ସକାଳେ ଅନୁଭୂତ ହୋଇଛି । ସୂଚନା ଅନୁସାରେ ରିକ୍ଟର ସ୍କେଲରେ ଏହାର ତିବ୍ରତା ୪.୮ ରହିଛି । ତେବେ ଭାରତୀୟ ସମୟ ଅନୁସାରେ ଭୂକମ୍ପର ସମୟ ସକାଳ ୩ ଟା ୫୮ ମିନିଟ୍ ଅନୁଭୂତ ହୋଇଥିବା ସୂଚନା । ଏଥିରେ କୌଣସି ପ୍ରକାରର କ୍ଷୟକ୍ଷତି ହୋଇଥିବାର ସୂଚନା ସାମ୍ନାକୁ ଆସି ନାହିଁ । ଏହି ଭୂକମ୍ପର ଝଟକା ନେପାଳ ସହ ଉତ୍ତରାଖଣ୍ଡରେ ମଧ ଅନୁଭୂତ ହୋଇଛି । ଏଠାରେ ସକାଳ ୪ଟାରେ ଅନୁଭୂତ ହେବା ସହ ରିକ୍ଟର ସ୍କେଲରେ ଏହାର ତିବ୍ରତା ୪.୮ ରହିଛି । ପାଖାପାଖି ୧୫ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଲୋକେ ଭୟଭୀତ ହୋଇ ଥଣ୍ଡାରେ ଘରୁ ବାହରକୁ ପଳାଇ ଆସିଥିଲେ । ଭୂକମ୍ପର ଝଟକା ଅନୁଭୂତ ହେବା କ୍ଷଣି ଘରେ ଥିବା ମଜଭୁତ ଟେବୁଲ ତଳେ ବସି ରହନ୍ତୁ ଏବଂ ମୁଣ୍ଡ ଉପରେ ହାତ ରଖି ବସନ୍ତୁ । ଯେଉଁମାନେ ଅଧିକ ଉଚ୍ଚା ବିଲ୍ଡିଂରେ ରହୁଛନ୍ତି ସେମାନେ ଭୂକମ୍ପର ଝଟକା ଅନୁଭୂତ ହେବା ପର୍ଯ୍ୟନ୍ତ ସେହି ଘର ଭିତରେ ରହିଥାଆନ୍ତୁ । ଏବଂ ଝଟକା ରହିବା ପରେ ବିଲ୍ଡିଂରୁ ବାହାରି ତଳକୁ ପଳାଇ ଆସନ୍ତୁ । ଏବଂ ବିଲ୍ଡିଂର କିଛି ଦୂରରେ ଠିଆ ହୁଅନ୍ତୁ । ତେବେ ବିଲ୍ଡିଂ ରୁ ଆସିବାଳେଳେ ସିଢିରେ ହିଁ ଆସନ୍ତୁ ।

# ମିରଟରେ କଥା ପ୍ରବଚନ ବେଳେ ଦଳାଚକଟା , ଅନେକ ଆହତ



**ମିରଟ,୨୧।୧୨(ଏଜେନ୍ସି):** ମିରଟରେ ଶିବ ମହାପୁରାଣ କଥା ପ୍ରବଚନ ବେଳେ ଦଳାଚକଟା ଘଟଣା । ଏଥିରେ ଅନେକ ଲୋକ ଆହତ ହେବାର ଖବର ସାମ୍ନାକୁ ଆସିଛି । ଶୁକ୍ରବାର ପଣ୍ଡିତ ପ୍ରଦୀପ ମିଶ୍ରଙ୍କର ଶିବ ପୁରାଣ କଥା ଚାଲିଥିଲା । ଏତିକି ବେଳେ ଲୋକଙ୍କର ପ୍ରବଳ ଭିଡ଼ ଆରମ୍ଭ ହୋଇ ଯାଇଥିଲା । ଫଳରେ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ଧାଁ ଦୌଡ଼ ଆରମ୍ଭ ହୋଇଥିଲା। ଏଥିରେ ଅନେକ ମହିଳା ଓ ବୟସ୍କ ଲୋକ ଆହତ ହୋଇଛନ୍ତି । କୁହାଯାଇଛି କି, କଥା ପ୍ରବଚନ ବେଳେ ଭିଡ଼ ବେକାବୁ ହେବାରେ ଦଳାଚକଟା ହୋଇଥିଲା । ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସା ପାଇଁ ପଠାଯାଇଛି । କହି ରଖୁଛୁ କି , ଆଜି କଥାର ୬ଷ୍ଠ ଦିନ । ଆସନ୍ତାକାଲି କଥାର ଅନ୍ତିମ ଦିନ ହେବ। ଏଥିରେ ଆଜି ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମିଛି । ପ୍ରାରମ୍ଭିକ ସୂଚନା ଅନୁସାରେ , କଥାକୁ ଯାଉଥିବା ଲୋକଙ୍କର ଭିଡ଼ ବେକାବୁ ହୋଇ ଥିଲା । ଏଥିରେ ସେଠାରେ ମୁତୟନ ସୁରକ୍ଷାକର୍ମୀ ମାନେ ରୋକିବାକୁ ଚେଷ୍ଟା କଲେ । ଲୋକେ ପ୍ରଥମେ ତ ଠେଲାପେଲା ଆରମ୍ଭ କରିଥିଲେ। ଏହାପରେ ସେଠାରେ ଧାଁ ଦୌଡ଼ ଆରମ୍ଭ ହୋଇଯାଇ ଥିଲା । ଏହାପରେ ଠେଲାପେଲା ମଧ୍ୟରେ କିଛି ଲୋକ ତଳେ ଖସି ପଡିଲେ । ଗତ ୬ଦିନ ଧରି ଚାଲୁଥିବା କଥାପ୍ରବଚନକୁ ନିତି ଲକ୍ଷେରୁ ଅଧିକ ଲୋକେ ପଣ୍ଡିତ ପ୍ରଦୀପ ମିଶ୍ରଙ୍କୁ ଶୁଣିବା ପାଇଁ ପହଞ୍ଚୁଛନ୍ତି । ପୁଲିସ ଫୋର୍ସ ପୂର୍ବରୁ ହିଁ ପେଣ୍ଡାଲ ଓ ଏହାର ଆଖପାଖରେ ମୁତୟତ ଅଛନ୍ତି । ଚଳାଚକଟାର ସୂଚନା ପାଇବା କ୍ଷଣି ପୁଲିସ୍ ଓ ପ୍ରଶାସନ ଅଧିକାରୀ ମଧ ଘଟଣା ସ୍ଥଳରେ ପହଞ୍ଚି ଯାଇଥିଲେ । କୁହାଯାଉଛି କି ଦୁର୍ଘଟଣାରେ ଅନେକ ମହିଳା , ପିଲା ଓ ବୟସ୍କ ବ୍ୟକ୍ତି ଆହତ ହୋଇଛନ୍ତି । ଚଳାଚକଟାରେ ଅଧ ଡର୍ଜନ ମହିଳା ଆହତ ହୋଇଛନ୍ତି । ସମସ୍ତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲ ନିଆଯାଇଛି । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଭିଡ଼କୁ କାବୁ କରିଥିଲେ । ବର୍ତ୍ତମାନ ସ୍ଥିତି ସାମାନ୍ୟ ଥିବା କୁହାଯାଉଛି । ଏହାସହ ମେଡିକାଲ ଟିମ୍ ମଧ ଘଟଣା ସ୍ଥଳରେ ପହଞ୍ଚି ଯାଇଛି । ଅନ୍ୟପଟେ ପୁଲିସ ଅଧିକ୍ଷକ ଏହି ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଏହା ଗୁଜର ପ୍ରସାର କରାଯାଉଛି । ହେଲେ ଏମିତି ହୋଇ ନାହିଁ । ସେ କହିଛନ୍ତି ମିରଟରେ ଶିବ ପୁରାଣ କଥା କାର୍ଯ୍ୟକ୍ରମରେ ଚଳଚକଟାର ସୂଚନା ମିଛ ।

# ଶରଦ ଓ ଅଜିତ ପାୱାର ଏକାଠି ହେବା ନେଇ କଳ୍ପନାଜଳ୍ପନା



**ମୁମ୍ବାଇ,୨୧।୧୨(ଏଜେନ୍ସି):** ବିଗିଡିଯାଇଥିବା ସମ୍ପର୍କରେ ସୁଧାର ଆସିବ କି ? ଦାଦା ଓ ପୁତୁରା ପୁଣି ଏକତ୍ର ହେବେ କି ? ମହାରାଷ୍ଟ୍ରର ଏନସିପିର ଉଭୟ ଶିବିରର ନେତାଙ୍କ ମଧ୍ୟରେ ବାରମ୍ବାର ବୈଠକ ପରେ ଏହି କଳ୍ପନାଜଳ୍ପନା ତୀବ୍ର ହୋଇଛି । ନିକଟରେ ଶରଦ ପାୱାରଙ୍କର କ୍ୟାମ୍ପର ବିଧାୟକ ରୋହିତ ପାଟିଲ ଅଜିତ ପାୱାରଙ୍କୁ ଭେଟିଛନ୍ତି । ଏହାପୂର୍ବରୁ ଏନସିପି ବିଧାୟକ ଶଶିକାନ୍ତ ସିନ୍ଦେ ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ଭେଟିଥିଲେ । ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଶରଦ ପାୱାରଙ୍କ ଦଳ କଂଗ୍ରେସ ଏବଂ ଶିବସେନା (ଉଦ୍ଧବ ଦଳ) ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଅଜିତ ପାୱାର ଏନସିପି ନେତୃତ୍ୱ ନେଇଥିବା ବେଳେ ବିଜେପି ଏବଂ ଶିବସେନା (ସିନ୍ଦେ ଦଳ) ସହ ମିଳିତ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ମହାଯୁତିକୁ ରାଜ୍ୟରେ ବହୁମତ ମିଳିଥିଲା ଅ ।ଉ ଶରଦ ପାୱାରଙ୍କ ଦଳ ଏହାର ଖରାପ ପ୍ରଦର୍ଶନ ଦେଇଥିଲା ନିର୍ବାଚନ ଫଳାଫଳ ପରେ ଶରଦ ପାୱାର ଏବଂ ଅଜିତ ପାୱାର ଏକାଠି ହେବା ନେଇ ଚର୍ଚ୍ଚା ହେଉଛି । ଅଜିତ ପାୱାର, ଏନସିପି ସାଂସଦ ପ୍ରଫୁଲ୍ଲ ପଟେଲ ଏବଂ ସୁନୀଲ ତଟକେର୍ ଦିଲ୍ଲୀରେ ଶରଦ ପାୱାରଙ୍କୁ ଭେଟିବା ପରେ ଏହି ଆଲୋଚନା ଜୋର ଧରିଥିଲା ତା'ପରେ କୁହାଯାଇଥିଲା ଯେ ଏହି ନେତାମାନେ ଶରଦ ପାୱାରଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ଆସିଛନ୍ତି । ତେବେ ଏହି ବୈଠକ ପରେ ଉଭୟ ଏନସିପି ଶିବିରର ଏକୀକରଣକୁ ନେଇ କଳ୍ପନାଜଳ୍ପନା ଚାଲିଛି ।

# ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ

**ମୁମ୍ବାଇ,୨୧।୧୨(ଏଜେନ୍ସି):** ଶୁକ୍ରବାର ଭାରତୀୟ ଷ୍ଟକ ବଜାରରେ ବଡ଼ଧରଣର ହ୍ରାସ ଦେଖାଦେଇଛି । ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ବେଞ୍ଚମାର୍କ ସେନସେକ୍ସ ସପ୍ତାହର ଶେଷ କାରବାର ଅଧିବେଶନରେ ୧୧୭୬.୪୬ ପଏଣ୍ଟ ହ୍ରାସ ପାଇ ୭୮,୦୪୧.୫୯ ସ୍ତରରେ ବନ୍ଦ ହୋଇଛି । ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ମଧ ୩୬୪.୨ ପଏଣ୍ଟ ହ୍ରାସ ସହ ୨୩୫୮୭.୫୦ ସ୍ତରରେ ବନ୍ଦ ହୋଇଛି । ବଜାରରେ ବଡ଼ ହ୍ରାସ ଯୋଗୁଁ ନିବେଶକମାନେ ଆଜି ବିପୁଳ କ୍ଷତି ସହିଛନ୍ତି । ଡିସେମ୍ବର ୧୯ରେ ବିଏସଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ୪୪୯ ଲକ୍ଷ କୋଟି ଟଙ୍କାଥିବାବେଳେ ଡିସେମ୍ବର ୨୦ରେ ଏହା ୪୪୦ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି । ଫଳରେ ଗୋଟିଏ ଦିନରେ ନିବେଶକମାନେ ୯ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ବଜାରରେ ବଡ଼ ହ୍ରାସ ଯୋଗୁଁ ନିବେଶକମାନେ ଆଜି ବିପୁଳ କ୍ଷତି ସହିଛନ୍ତି । ଡିସେମ୍ବର ୧୯ରେ ବିଏସଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ୪୪୯ ଲକ୍ଷ କୋଟି ଟଙ୍କାଥିବାବେଳେ ଡିସେମ୍ବର ୨୦ରେ ଏହା ୪୪୦ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି । ଫଳରେ ଗୋଟିଏ ଦିନରେ ନିବେଶକମାନେ ୯ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ବଜାରରେ ଆଜିର ହ୍ରାସର କାରଣ ହେଉଛି ଏଫଆଇଆଇ ବିକ୍ରିରେ ଦ୍ରୁତ ବୃଦ୍ଧି । କ୍ରମାଗତ ପଞ୍ଚମ ଅଧିବେଶନରେ ହ୍ରାସ ଦେଖିବାକୁ ମିଳିଥିଲା । ଡିସେମ୍ବର ୧୩, ଶୁକ୍ରବାର ବିଏସଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ୪୫୯ ଲକ୍ଷ କୋଟି ଟଙ୍କା ରହିଥିବାରୁ ଗତ ପାଞ୍ଚ ଦିନ ମଧ୍ୟରେ ନିବେଶକମାନେ ୧୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି ।

# ପାକିସ୍ତାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ନେଇ କଠୋର ହେଲା ଆମେରିକା



**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ପାକିସ୍ତାନକୁ ଝଟକା । ପାକିସ୍ତାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ନେଇ କଠୋର ହେଲା ଆମେରିକା । ୪ କମ୍ପାନୀ ଉପରେ ଲଗାଇଲା ବ୍ୟାନ୍ । କହିଲା ଆଗକୁ ଆମେରିକା ପାଇଁ ବିପଦ ହୋଇପାରେ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପୋଗ୍ରାମ । ପ୍ରତିବନ୍ଧକ ପରେ ପାକିସ୍ତାନର ବଢ଼ିଛି ଚିନ୍ତା । ପାକିସ୍ତାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ନେଇ କଠୋର ହେଲା ଆମେରିକା । ଗୋଟିଏ ଦିନ ପୂର୍ବରୁ ୪ଟି କମ୍ପାନୀ ଉପରେ ଲଗାଇଲା ପ୍ରତିବନ୍ଧକ । ଯାହା ପାକିସ୍ତାନ ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ । ହ୍ୱାଇଟ୍ ହାଉସ୍ ତରଫରୁ କୁହାଯାଇଛି ଯେ, ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପୋଗ୍ରାମରେ ପାକିସ୍ତାନର କ୍ଷମତା ଦକ୍ଷିଣ ଏସିଆର ବାହାରେ ଆମେରିକା ପର୍ଯ୍ୟନ୍ତ ଆକ୍ରମଣ କରିବାର କ୍ଷମତା ହୋଇଯିବ । ହ୍ୱାଇଟ୍ ହାଉସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପାକିସ୍ତାନର ଏହି କାର୍ଯ୍ୟକଳାପ ଆମେରିକା ପାଇଁ ବିପଦ ହୋଇପାରେ ଯ ବାସ୍ତବରେ ଆମେରିକା ପାକିସ୍ତାନର ସରକାରୀ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା କମ୍ପାନୀ ନ୍ୟାସନାଲ ଡେଭଲପମେଣ୍ଟ କମ୍ପ୍ଲେକ୍ସ ସମେତ ୪ଟି ପାକିସ୍ତାନୀ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଛି । ଏହି କମ୍ପାନୀ କରାଚି ଘଉଡ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରୋଗ୍ରାମ୍ ସହ ସାମିଲ । ଆମେରିକାର ଡେପୁଟି ନ୍ୟାସନାଲ ସିକ୍ୟୁରିଟି ପରାମର୍ଶଦାତା ଜନ୍ ଫିନର୍ ଏକ ଥିଙ୍କ ଟ୍ୟାଙ୍କକୁ କହିଛନ୍ତି ଯେ, ଦୂରଗାମୀ କ୍ଷେପଣାସ୍ତ୍ର ପ୍ରଣାଳୀର ବିକାଶ ପାଇଁ ବାଇଡେନ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ପ୍ରଥମଥର ପାଇଁ ଆମେ ପାକିସ୍ତାନର ଏକ ସରକାରୀ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଛୁ ।

# ବେଆଇନ ଋଣ ଦେଲେ ହେବ ୧୦ ବର୍ଷ ଜେଲ

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ବେଆଇନ ଏବଂ ଅନିୟନ୍ତ୍ରିତ ଋଣ ପ୍ରଦାନ ଉପରେ ନିଷେଧାଦେଶ ଜାରି କରିବେ କେନ୍ଦ୍ର ସରକାର । ଏ ନେଇ ଏକ ଦୃଢ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ରାଜ୍ୟ ଗୁଡିକ ସହ ଆଲୋଚନା କରାଯାଉଛି । ବେଆଇନ ଋଣ ପ୍ରଦାନକୁ ଜଘନ୍ୟ ଅପରାଧ ବର୍ଗରେ ସାମିଲ କରାଯିବ । ଏଭଳି କାର୍ଯ୍ୟ କଳାପରେ ସାମିଲ ବ୍ୟକ୍ତି ବିଶେଷଙ୍କୁ ଜାମିନ ମଧ ମିଳିବ ନାହିଁ । ବେଆଇନ ଋଣ ପ୍ରଦାନ କାର୍ଯ୍ୟକଳାପ ନିଷେଧାଦେଶ ବିଲ୍ (ବୁଲା) ଡ୍ରାଫ୍ଟ ବିଲ୍ ଉପରେ ଏବେ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ରାଜ୍ୟ ଗୁଡିକର ପରାମର୍ଶ ଲୋଡ଼ିଛନ୍ତି । ଫେବ୍ରୁଆରି ୧୩ ସୁଦ୍ଧା ଏ ନେଇ ମତାମତ ଦେବେ ରାଜ୍ୟ । ଏହି ବିଲ୍ କାର୍ଯ୍ୟକାରୀ ହେଲେ ୧୦ ବର୍ଷ ଯାଏ ଦଣ୍ଡ ବିଧାନ ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରିଜର୍ଭ ବ୍ୟାଙ୍କ କିମ୍ବା କୌଣସି ନିୟାମକ ସଂସ୍ଥା ଠାରୁ ଅନୁମତି ପାଇ ନ ଥିଲେ ଋଣ ପ୍ରଦାନ କରି ହେବନି । ଡିଜିଟାଲ ପ୍ଲାଟଫର୍ମରେ ଏଭଳି ଋଣ ପ୍ରଦାନ କ୍ଷେତ୍ରରେ ୨ରୁ ୭ ବର୍ଷ ଜେଲ ଏବଂ ୧ କୋଟି ଯାଏ ଜରିମାନା ଦେବାକୁ ହେବ । ଋଣ ଗ୍ରହୀତାକୁ ଶୋଷଣ କରୁଥିଲେ ୩ରୁ ୧୦ ବର୍ଷ ଯାଏ ଜେଲ ଏବଂ ଜରିମାନା ଦେବାକୁ ଡ୍ରାଫ୍ଟ ବିଲରେ ପ୍ରସ୍ତାବ ଦିଆଯାଇଛି । ଏ ସମ୍ପର୍କିତ ମାମଲା ଗୁଡିକ ସିବିଆଇ ତଦନ୍ତ କରିବ । ଏବେ ଡିଜିଟାଲ ପ୍ଲାଟଫର୍ମ ଗୁଡିକରେ ଋଣ ପ୍ରଦାନ ଦ୍ୱାରା ଲୋକଙ୍କୁ ହଇରାଣ କରିବା ମାମଲା ବଢୁଛି । ଏହା ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି କେନ୍ଦ୍ର ସରକାର ଏବେ ପ୍ରସ୍ତୁତ ହେଉଛନ୍ତି।

# ୟୁକ୍ରେନ କ୍ଷେପଣାସ୍ତ୍ର ଆକ୍ରମଣର ପ୍ରତିଶୋଧ ନେଲା ରୁଷ

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧକୁ ୩ ବର୍ଷ ପୂରଣ ହେବା ପାଇଁ ଆଉ ମାତ୍ର ୨-୩ ମାସ ବାକି ଅଛି । ଆଉ ଏହି ସମୟ ମଧ୍ୟରେ ଯୁଦ୍ଧ ଏକ ଭୟାନକ ରୂପ ନେଇଛି । ଉଭୟ ଦେଶ ବର୍ତ୍ତମାନ ପରସ୍ପର ଉପରେ ଜୋରଦାର୍ ଏୟାର ଷ୍ଟ୍ରାଇକ୍ କରୁଛନ୍ତି । ରୁଷ ଶୁକ୍ରବାର ସକାଳେ ୟୁକ୍ରେନର ରାଜଧାନୀ କ୍ୱିଭ୍ ଉପରେ ବାଲିଷ୍ଟିକ୍ ମିସାଇଲ ଆକ୍ରମଣ କରିଛି । ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି । ଅଧିକାରୀ ମାନେ ଏହି ସୂଚନା ପ୍ରଦାନ କରିଛନ୍ତି । ବୋମା ବିସ୍ଫୋରଣରେ ପରମାଣୁ ମୁଖ୍ୟଙ୍କ ମୃତ୍ୟୁ ପରେ ରୁଷ ଏହି ଆକ୍ରମଣ କରିଛି ।

# ବିଗିଡ଼ିଲା ନୀତିଶ କୁମାରଙ୍କ ସ୍ୱାସ୍ଥ୍ୟ ଅବସ୍ଥା

**ବିହାର,୨୧।୧୨(ଏଜେନ୍ସି):** ବିହାରର ରାଜଧାନୀ ପାଟନାଠାରୁ ବଡ ଖବର ସାମ୍ନାକୁ ଆସିଛି । ବାସ୍ତବରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି । ସୂଚନାନୁସାରେ, ସିଏମ ନୀତୀଶ କୁମାରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅସୁସ୍ଥ ଥିବା ହେତୁ ଆଜି ତାଙ୍କର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । କୁହାଯାଉଛି ଯେ ଥଣ୍ଡା ଏବଂ ପାଗ ପରିବର୍ତ୍ତନ ଯୋଗୁ ମୁଖ୍ୟମନ୍ତ୍ରୀ ଭାଇରାଲ ଜ୍ୱରରେ ପୀଡିତ ଅଛନ୍ତି, ଯେଉଁଥିପାଇଁ ଡାକ୍ତରମାନେ ତାଙ୍କୁ ଆଜି ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି । ସିଏମ୍ ନିବାସରୁ ମିଳିଥିବା ସୂଚନା ଅନୁଯାୟୀ, ପାଣିପାଗ ଏବଂ ଥଣ୍ଡା ପରିବର୍ତ୍ତନ ହେତୁ ସିଏମ୍ ନୀତୀଶ କୁମାର ଭାଇରାଲ୍ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି । ଏହି କାରଣରୁ ତାଙ୍କ ସ୍ୱାସ୍ଥ୍ୟ ଟିକେ ଅସ୍ୱାସ୍ଥ୍ୟକର ଅଟେ । ଏଭଳି ପରିସ୍ଥିତିରେ ଡାକ୍ତରମାନେ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି । ତେଣୁ ଆଜି ସିଏମ ନୀତିଶ କୁମାରଙ୍କ ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି । ଆଜି ସିଏମ ନୀତୀଶ କୁମାରଙ୍କୁ ଆଜି ପାଟନା ଠାରୁ ରାଜଗିର ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପଡିଥିଲା। ମୁଖ୍ୟମନ୍ତ୍ରୀଙ୍କର ଆଜି ଜୟନ ଭବନରେ ବ୍ୟବସାୟ ସଂଯୋଗ କାର୍ଯ୍ୟକ୍ରମରେ ଯୋଗଦେବେ । ଆଜି ସନ୍ଧ୍ୟାରେ ସିଏମ ନୀତୀଶ କୁମାର ମଧ ଆଦାନୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ପ୍ରଣବ ଆଦାନୀଙ୍କୁ ଭେଟିବାର କର୍ଯ୍ୟକ୍ରମ ଥିଲା । ବିଜନେସ୍ କନେକ୍ଟ କାର୍ଯ୍ୟକ୍ରମରେ ନୀତିଶ କୁମାରଙ୍କ ଉପସ୍ଥିତିରେ ଅନେକ କମ୍ପାନୀ ସହିତ ଏମଓୟୁ ମଧ ସ୍ୱାକ୍ଷରିତ ହେବ। କିନ୍ତୁ, ଅସୁସ୍ଥତା ହେତୁ ବର୍ତ୍ତମାନ ସିଏମ ନୀତିଶ କୁମାର ଜୟ ଭବନ ଯିବେ ନାହିଁ । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ମଧ ରାଜଗିରିରେ ଅନେକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପଡିଥିଲା । ଏଭଳି ପରିସ୍ଥିତିରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ହେତୁ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି ।

# କେଟିଆରଙ୍କୁ ଅନ୍ତରୀଣ ସୁରକ୍ଷା ଦେଲେ ହାଇକୋର୍ଟ

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ଫର୍ମୁଲା ଇ ରେସ୍ ଆୟୋଜନରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) କାର୍ଯ୍ୟକାରୀ ସଭାପତି କେଟି ରାମା ରାଓ ଓରଫ କେଟିଆରଙ୍କୁ ମିଳିଛି ଆଶ୍ୱସ୍ତି । ଏହି ଦୁର୍ନୀତି ମାମଲାରେ କେଟିଆରଙ୍କୁ ଅନ୍ତରୀଣ ସୁରକ୍ଷା ଦେଇଛନ୍ତି ତେଲେଙ୍ଗାନା ହାଇକୋର୍ଟ । ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୭ରେ କରାଯିବ। ହେଲେ ୩୦ ତାରିଖ ପର୍ଯ୍ୟନ୍ତ କେଟିଆରଙ୍କ ଗିରଫଦାରୀ ଉପରେ ରୋକ ଲଗାଇଛନ୍ତି ଉଚ୍ଚ ନ୍ୟାୟାଳୟ । ତେବେ ମାମଲାରେ ତଦନ୍ତ ଜାରି ରଖିବା ପାଇଁ ଦୁର୍ନୀତି ନିବାରଣ ଶାଖା(ଏସିବି)କୁ କୋର୍ଟ ଅନୁମତି ଦେଇଛନ୍ତି । ସୂଚନା ଅନୁସାରେ ଏହି ମାମଲାରେ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏଣ୍ଟ୍ରି ମାରିଛି । ଦୁର୍ନୀତି ନିବାରଣ ଶାଖା(ଏସିବି)କୁ ଚିଠି ଲେଖି ମାମଲାର ତଥ୍ୟ ମାଗିଛି ଇଡି । ତଦନ୍ତକାରୀ ସଂସ୍ଥା ଏସିବି ନିକଟରୁ ସମସ୍ତ ତଥ୍ୟ ପାଇବା ପରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରିବ ଇଡି । ଯାହା ପୂର୍ବତନ ମନ୍ତ୍ରୀଙ୍କ ଅଡୁଆ ଆହୁରି ବାଇପାରେ । କାରଣ ଏସିବି ଏଫଆଇଆରରେ ଦର୍ଶାଯାଇଛି ଯେ ଫର୍ମୁଲା ଇ ଆୟୋଜକ(ଏଫଓଇ) ହେଉଛି ଗୋଟିଏ ବିଦେଶ କମ୍ପାନୀୟ କ୍ୟାବିନେଟର ବିନା ଅନୁମତିରେ ଏହି କମ୍ପାନୀକୁ କେଟିଆର ଟଙ୍କା ଦେବାକୁ ସ୍ଥିର କରିଥିଲେ । ହାଇଦ୍ରାବାଦ ମେଟ୍ରୋପଲିଟାଣ୍ଟ ଡେଭଲପମେଣ୍ଟ ପ୍ରାଧିକରଣ ଆରବିଆଇର ଗାଇଡଲାଇନକୁ ଉଲ୍ଲଙ୍ଘନ କରି ୨ଟି ଦଫାରେ ୪୫ କୋଟି ଟଙ୍କା ପ୍ରଦାନ କରିଥିଲା । ଏଥିପାଇଁ ତେଲଙ୍ଗାନା ସରକାରଙ୍କ ଉପରେ ଆରବିଆଇ ୮ କୋଟି ଟଙ୍କାର ଜୋରିମାନା ଲାଗୁ କରିଥିଲା ।

# ହିନ୍ଦୀ ଭାଷାକୁ ନେଇ ଅଷ୍ଟ୍ରେଲିଆରେ ବିବାଦ

ମେଲବର୍ଣ୍ଣ,୨୧।୧୨ (ଏଜେନ୍ସି) : ପୁଣିଥରେ ଭାରତୀୟ କ୍ରିକେଟରଙ୍କୁ ନେଇ ବିବାଦ ସୃଷ୍ଟି କରିଛି ଅଷ୍ଟ୍ରେଲିଆ। କିଛି ଦିନ ତଳେ ମେଲବର୍ଣ୍ଣ ଏୟାରପୋର୍ଟରେ ବିରାଟ କୋହଲି ଜଣେ ଅଷ୍ଟ୍ରେଲିଆ ରିପୋର୍ଟରଙ୍କୁ ପରିବାର ଲୋକଙ୍କ ଫଟୋ ନ ନେବାକୁ କହିଥିଲେ। ଏହାକୁ ନେଇ ଅଷ୍ଟ୍ରେଲିଆ ଗଣମାଧ୍ୟମ ବିବାଦ ସୃଷ୍ଟି କରିଥିଲା।

ଏବେ ଅଷ୍ଟ୍ରେଲୀୟ ପ୍ରେସ ରବୀନ୍ଦ୍ର ଜାଡେଜାଙ୍କୁ ବିବାଦ ମଧ୍ୟକୁ ଟାଣିଛି। ମେଲବର୍ଣ୍ଣ ଷ୍ଟାଡିୟମରେ ଜାଡେଜା ଜାଣିଶୁଣି ବିଭିନ୍ନ ପ୍ରଶ୍ନର ଉତ୍ତର ଇଂରାଜୀରେ ଦେବାକୁ ମନା କରି ଦେଇଥିବା ଅଷ୍ଟ୍ରେଲିଆର ଗଣମାଧ୍ୟମ ଦାବି କରିଛି।

ଡିସେମ୍ବର ୨୬ରୁ ମେଲବର୍ଣ୍ଣରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୪ର୍ଥ ଟେଷ୍ଟ ବା ବକ୍ସିଂ ଡେ' ଟେଷ୍ଟ ଆରମ୍ଭ ହେବ। ଏଥିପାଇଁ ଭାରତୀୟ ଟିମ ଆଜି ଠାରୁ ମେଲବର୍ଣ୍ଣରେ ଅଭ୍ୟାସ ଆରମ୍ଭ କରିଛି। ଅଭ୍ୟାସ ପରେ ଜାଡେଜା ମେଲବର୍ଣ୍ଣ ପଡ଼ିଆରେ ସାମ୍ବାଦିକଙ୍କ କିଛି ପ୍ରଶ୍ନର ଉତ୍ତର ଦେଇଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀ ବେଶ ଭଲ ଭାବେ ଚାଲିଥିଲା।

ଜାଡେଜା ମଧ୍ୟ କିଛି ପ୍ରଶ୍ନର ଉ ର ଦେବା ପରେ ସେଠାରୁ ଚାଲି ଯିବାକୁ ବାହାରିଥିଲେ। ଏହି ସମୟରେ ଜଣେ ଅଷ୍ଟ୍ରେଲୀୟ ସାମ୍ବାଦିକ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଜାଡେଜା କୌଣସି ପ୍ରଶ୍ନର ଉତ୍ତର ଇଂରାଜୀରେ ନ ଦେବାରୁ ସେ ରାଗି ଯାଇଥିଲେ।



ଏଥିରେ ଭାରତୀୟ ଟିମର ମିଡିଆ ମ୍ୟାନେଜର ହସ୍ତକ୍ଷେପ କରିବା ସହ ଉକ୍ତ ସାମ୍ବାଦିକ ସମ୍ମିଳନୀ କେବଳ ଭାରତରୁ ଅଷ୍ଟ୍ରେଲିଆ ଆସିଥିବା ଭାରତୀୟ ଗଣମାଧ୍ୟମ ପାଇଁ କରାଯାଇଥିବା ସମସ୍ତଙ୍କୁ ବୁଝାଇଥିଲେ। ହେଲେ ଅଷ୍ଟ୍ରେଲିଆର ସାମ୍ବାଦିକ ଜଣଙ୍କ ଏହି ସ୍ପଷ୍ଟୀକରଣକୁ ମାନିବାକୁ ରାଜି ହୋଇ ନଥିଲେ। ସେ ଭାରତୀୟ ଟିମର ମିଡିଆ ମ୍ୟାନେଜରଙ୍କୁ ମଧ୍ୟ ସମାଲୋଚନା କରିବାରୁ ସ୍ଥିତି ଆହୁରି ଖରାପ ହୋଇଥିଲା।

ଅଷ୍ଟ୍ରେଲୀୟ ମିଡିଆ : ଇଂରାଜୀରେ ଗୋଟିଏ ପ୍ରଶ୍ନର ଉତ୍ତର ଦେବେ?

ଟିମ ମ୍ୟାନେଜର: ଆମେ ଦୁଃଖିତ। ଆମ ପାଖରେ ସମୟ ନାହିଁ। ଟିମ ବସ୍ ଅପେକ୍ଷା କରିଥିବା ଆପଣମାନେ ଦେଖିପାରୁଥିବେ।

ଅଷ୍ଟ୍ରେଲୀୟ ମିଡିଆ : କ'ଣ ଗୋଟିଏ ପ୍ରଶ୍ନ ଇଂରାଜୀରେ ଦେବାକୁ ସମୟ ନାହିଁ?

ଟିମ ମ୍ୟାନେଜର : ଯାତ୍ରା କରିଥିବା ଭାରତୀୟ ମିଡିଆ ପାଇଁ ଏହି ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା।

ଅଷ୍ଟ୍ରେଲୀୟ ମିଡିଆ: ପୂରା ଆୟୋଜକ ଏଠି ଅସହାୟ ଏମସିଜି ପ୍ରେସ କନଫରେନ୍ସରେ ଉପସ୍ଥିତ ଜଣେ ଭାରତୀୟ ରିପୋର୍ଟରଙ୍କ କହିବା କଥା ଯେ ସମୟ ଅଭାବରୁ ଅଧିକାଂଶ ଭାରତୀୟ ସାମ୍ବାଦିକ ମଧ୍ୟ ପ୍ରଶ୍ନ ପଚାରିବାର ସୁଯୋଗ ପାଇ ନାହାନ୍ତି। ହେଲେ ସେମାନେ ଅଷ୍ଟ୍ରେଲୀୟ ରିପୋର୍ଟରଙ୍କ ଭଳି ଯୁକ୍ତିତର୍କ କିମ୍ବା ବିବାଦ ସୃଷ୍ଟି କରି ନଥିବା ସେ କହିଛନ୍ତି।

ଭାରତୀୟ ସାମ୍ବାଦିକ ଜଣଙ୍କ କହିଛନ୍ତି, ମୁଁ ସେଠାରେ ଉପସ୍ଥିତ ଥିଲି। ସମୟ ଅଭାବରୁ ଅଧିକାଂଶ ଭାରତୀୟ ସାମ୍ବାଦିକ ମଧ୍ୟ ପ୍ରଶ୍ନ ପଚାରି ପାରି ନାହାନ୍ତି। ତେବେ ସାମ୍ବାଦିକ ସମ୍ମିଳନୀ ପରେ କିଛି ଅଷ୍ଟ୍ରେଲୀୟ ସାମ୍ବାଦିକ ବିରକ୍ତ ପ୍ରକାଶ କରିବା ସହ ଭାରତୀୟ ଟିମର ମିଡିଆ ମ୍ୟାନେଜରଙ୍କ ସହ ଯୁକ୍ତି କରିଥିଲେ। ସେମାନେ ଦୁର୍ବ୍ୟବହାର ମଧ୍ୟ କରିଛନ୍ତ। ମୁଁ ନିୟମିତ ଭାବେ ପ୍ରେସ କନଫରେନ୍ସ କଭର କରୁଛି। ଏପରି କି ଅଷ୍ଟ୍ରେଲିଆ ଟିମର ପ୍ରେସ କନଫରେନ୍ସ ବେଳେ ଅନେକ ଭାରତୀୟ ସାମ୍ବାଦିକ ପ୍ରଶ୍ନ ପଚାରିବାର ସୁଯୋଗ ସମୟ ଅଭାବରୁ ପାଆନ୍ତି ନାହିଁ। କିନ୍ତୁ ଆମେ କେବେ ହେଲେ ଯୁକ୍ତିତର୍କ କିମ୍ବା ଦୁର୍ବ୍ୟବହାର କରିନାହୁଁ।

# ଗିରଫ ହେବେ ରବିନ୍ ଉଥାପ୍ପା

ବେଙ୍ଗାଲୁର,୨୧।୧୨ (ଏଜେନ୍ସି) : ଅଡୁଆରେ ଟିମ୍ ଇଣ୍ଡିଆରେ ପୂର୍ବତନ କ୍ରିକେଟର୍ ରବିନ୍ ଉଥାପ୍ପା। ତଙ୍କ ବିରୋଧରେ ଜାରି ହେଲା ଗିରଫ ୱାରେଣ୍ଟ। ପ୍ରଭିଡେଣ୍ଟ ଫଣ୍ଡରେ ହେରଫେର କରିଥିବା ନେଇ ଏହି ବ୍ୟାଟସ୍ ମ୍ୟାନ୍‌ଙ୍କ ବିରୋଧରେ ଅଭିଯୋଗ ରହିଛି। ପ୍ରକୃତରେ ଉଥାପ୍ପାଙ୍କ ସେ ରିଜ୍ ଲାଇଫଷ୍ଟାଇଲ୍ ବ୍ରାଣ୍ଡ ପ୍ରାଇଭେଟ ଲିମିଟେଡ୍ ନାମକ ଏକ କମ୍ପାନୀ ରହିଛି। ଏହି କମ୍ପାନୀ କର୍ମଚାରୀଙ୍କ ବେତନରୁ କଟାଯାଇଥିବା ଟଙ୍କାକୁ ସେମାନଙ୍କ ଚର ଆକାଉଣ୍ଟରେ ଜମା କରି ନାହିଁ। ଯେଉଁ କାରଣରୁ ପ୍ରାୟ ୨୪ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ରହିଛି। ରବିନ୍ ଉଥାପ୍ପା କର୍ମଚାରୀଙ୍କ ପ୍ରାୟ ୨୪ ଲକ୍ଷ ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ଏହି ଟଙ୍କା ପରିଶୋଧ କରିବାକୁ ଡିସେମ୍ବର ୨୭ ପର୍ଯ୍ୟନ୍ତ ଉଥାପ୍ପାଙ୍କୁ ସମୟ ଦିଆଯାଇଛି। ନଚେତ ତାଙ୍କୁ ଗିରଫଦାରୀର ସମ୍ମୁଖୀନ ହେବାକୁ ପଡିପାରେ। ପିଏଫ୍ ଆଞ୍ଚଳିକ କମିଶନର ଶାଦକ୍ଷରୀ ଗୋପାଳ ରେଡ୍ଡୀ ଏହି ୱାରେଣ୍ଟ ଜାରି କରିଛନ୍ତି। ଏହି ୱାରେଣ୍ଟ ଜରିଆରେ ପୁଲକେଶୀନଗର



ପୁଲିସକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଏଫ୍ କମିଶନର ଶାଦକ୍ଷରୀ ଗୋପାଳ ରେଡ୍ଡୀ ଡିସେମ୍ବର ୪ ରେ ପୁଲକେଶୀନଗର ପୁଲିସକୁ ଏକ ଚିଠି ଲେଖିଥିଲେ। ଯେଉଁଥିରେ ଉଥାପ୍ପାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରାଯାଇଥିଲା। କିନ୍ତୁ ଉଥାପ୍ପା ତାଙ୍କ ବାସସ୍ଥାନ ବଦଳାଇଥିବା ଦର୍ଶାଇ ପୁଲିସ ୱାରେ କୁ ପିଏଫ କାର୍ଯ୍ୟାଳୟକୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏବେ ଅଧିକାରୀମାନେ ତଦନ୍ତ ଆଗକୁ ବାଢ଼ିବା ପାଇଁ ବର୍ତ୍ତମାନ ଉଥାପ୍ପା କେଉଁଠାରେ ଅଛନ୍ତି ସେ ନେଇ ଅନୁସନ୍ଧାନ ଜାରି ରଖିଛନ୍ତି।

୩୯ ବର୍ଷୀୟ ରବିନ୍ ଉଥାପ୍ପା ଭାରତୀୟ କ୍ରିକେଟ୍ ଟିମ୍ର ଏକ ଲୋକପ୍ରିୟ ଚେହେରା। ସେ ଭାରତ ପାଇଁ ୪୬ଟି ଓ୍ବଡିଆଇ ଏବଂ ୧୩ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ତାଙ୍କ ନାଁରେ ୫୪ଟି ଇନିଂସରେ ୧୧୮୩ ରନ୍ ସ୍କୋର କରିଥିବା ରେକର୍ଡ ରହିଛି। ଅନ୍ତର୍ଜାତୀୟ କ୍ରିକେଟ୍ରେ ତାଙ୍କ ନାମରେ ୭ଟି ଅର୍ଦ୍ଧଶତକ ରହିଛି। ଯେତେବେଳେ ଟିମ୍ ଇଣ୍ଡିଆ। ଟି-୨୦ ବିଶ୍ୱକପ୍ ଅର୍ଥାତ ୨୦୦୭ର ପ୍ରଥମ ସିଜନ୍ ଜିତିଥିଲା, ସେତେବେଳେ ଉଥାପ୍ପା ଦଳର ଷ୍ଟାର୍ ଓପନର୍ ଥିଲେ।

# ପୃଥ୍ୱୀଙ୍କୁ ନୂଆ ଦାୟିତ୍ୱ

ମୁମ୍ବାଇ,୨୧।୧୨ (ଏଜେନ୍ସି) : ଯୁବ କ୍ରିକେଟର ପୃଥ୍ୱୀ ଶ'ଙ୍କ କ୍ୟାରିୟର ଅସ୍ଥିରତା ମଧ୍ୟ ଦେଇ ଗତି କରୁଥିବା ବେଳେ ତାଙ୍କୁ ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମସିଏ) ପୁଣି ଗୋଟିଏ ସୁଯୋଗ ଦେଇଛି। ନିଜର ଫିଟନେସ ଓ ବିଶୃଙ୍ଖଳା ଆଚରଣ ଯୋଗୁ ଏମସିଏ ତାଙ୍କୁ ମୁମ୍ବାଇ ଟିମରୁ ବାଦ ଦେଇଥିଲା। ସେ ବିଜୟହଜାରେ ଟ୍ରଫିରେ ନଜର ଆସିବେ ନାହିଁ।



ଲିଷ୍ଟ ଏ'ରେ ଭଲ ପରିସଂଖ୍ୟାନ ସତ୍ୱେ ପୃଥ୍ୱୀଙ୍କୁ ଏମସିଏ ଦଳରେ ସାମିଲ କରି ନଥିଲା। ତେବେ ଏମସିଏ ପୃଥ୍ୱୀଙ୍କୁ ଆଉ ଏକ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସୁଯୋଗ ଦେଇଛି। Police Invitation Shielö Cricket Tournament ୨୦୨୪-୨୫ରେ ପୃଥ୍ୱୀ ମୁମ୍ବାଇ କ୍ରିକେଟକୁ ପ୍ରତିନିଧିତ୍ୱ କରିବେ।

ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୧୮ ଜଣିଆ ସ୍କ୍ୱାଡ ଘୋଷଣା କରାଯାଇଛି। ପୃଥ୍ୱୀ ଶ'ଙ୍କୁ ଏମସିଏ ପକ୍ଷରୁ ଦଳର ଅଧିନାୟକ ମଧ୍ୟ କରାଯାଇଛି। ପୃଥ୍ୱୀ ଶ'ଙ୍କ ପାଖରେ ଥିବା ଦକ୍ଷତା ହିସାବରେ ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ସେତେଟା ନାହିଁ। କିନ୍ତୁ ଏମସିଏ ଶ'ଙ୍କୁ ଚାନ କରି ତାଙ୍କୁ ପୁଣିଥରେ ସିନିୟର ଟିମକୁ ଫେରିବା ପାଇଁ ସୁଯୋଗ ଦେଇଛି। ଏବେ ବି ଶ'ଙ୍କ ଉପରେ ଏମସିଏ ଭରସା ରଖିଥିବା ସ୍ପଷ୍ଟ ହୋଇଛି। ପୃଥ୍ୱୀ ଶ' ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳିଥିଲେ ହେଁ ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମସିଏ) ତାଙ୍କୁ ବିଜୟ ହଜାରେ ଟ୍ରଫିରେ ସାମିଲ କରିନାହିଁ। ଆଇପିଏଲରେ ମଧ୍ୟ ପୃଥ୍ୱୀଙ୍କୁ କେହି କିଣି ନଥିଲେ।

ମୁମ୍ବାଇ ଟିମରୁ ମଧ୍ୟ ବାଦ ପଡ଼ିବାରୁ କିଛି ଦିନ ତଳେ ପୃଥ୍ୱୀ ବେଶ ଭାବବିହ୍ୱଳ ହୋଇ ଉଠିଥିଲେ। ହେଲେ ଏହାର ପ୍ରଭାବ ଏମସିଏ ଉପରେ ପଡ଼ିନାହିଁ।

# ୫୦ ବଲରେ ଶତକ ମାରିଲେ ଆୟର

ମୁମ୍ବାଇ,୨୧।୧୨ (ଏଜେନ୍ସି) : ମୁମ୍ବାଇ ଅଧିନାୟକ ଶ୍ରେୟସ ଆୟର ବିଜୟ ହଜାରେ ଟ୍ରଫିରେ ନିଜର ଜଲୱା ଦେଖାଇଛନ୍ତି। ଶନିବାର କର୍ଣ୍ଣାଟକା ବିପକ୍ଷ ମ୍ୟାଚ୍ରେ ଆୟରଙ୍କ ବିସ୍ଫୋରଣ ଦେଖିବାକୁ ମିଳିଛି। ନିକଟରେ ରେକର୍ଡ ୨୬.୭୫ କୋଟି ଟଙ୍କାରେ ପଞ୍ଜାବ କିଙ୍ଗସ ପକ୍ଷରୁ କଣାଯାଇଥିବା ଆୟର ଆଜି ବିଜୟ ହଜାରେ ଟ୍ରଫିରେ ୫୫ ବଲରେ ଅପରାଜିତ ୧୧୪ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସରେ ତାଙ୍କ ବ୍ୟାଟରୁ ୪ଟି ଚୌକା ଓ ୧୦ଟି ବିଶାଳ ଛକା ଦେଖିବାକୁ ମିଳିଛି।

ଆୟରଙ୍କ ବିସ୍ଫୋରକ ଇନିଂସ ଯୋଗୁ ମୁମ୍ବାଇ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ ହରାଇ ବିଶାଳ ୩୮୨ ରନ କରିଛି। ୩୦ ବର୍ଷୀୟ ଆୟର ଚଳିତ ଘରୋଇ ସିଜିନରେ ନିୟମିତ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ତାଙ୍କ ନେତୃତ୍ୱରେ ମୁମ୍ବାଇ ନିକଟରେ ସୟଦ ମୁସ୍ତାକ ଅଲୀ ଟ୍ରଫି ମଧ୍ୟ ଜିତିଥିଲା।



ଏବେ ସେ ବିଜୟ ହଜାରେ ଟ୍ରଫିରେ ମଧ୍ୟ ଆରମ୍ଭରୁ କମାଲ କରିଛନ୍ତି। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳା ଯାଉଥିବା ମ୍ୟାଚରେ ମୁମ୍ବାଇର ସ୍କୋର ୨୯.୫ ଓଭର ସୁଦ୍ଧା ୧୪୮/୨ ଥିବା ବେଳେ ଆୟର ବ୍ୟାଟିଂ କରିବାକୁ ଆସିଥିଲେ। ଆୟୁଷ ମହାତ୍ରେ ୭୮ ରନ କରି ଆଉଟ ହେବା ପରେ ଆୟର ଦାୟିତ୍ୱ ସମ୍ଭାଳିଥିଲେ। କିନ୍ତୁ ଆଉଟ ହେବା ପୂର୍ବରୁ ମହାତ୍ରେ ଦ୍ୱିତୀୟ ୱିକେଟ ପାଇଁ ହାର୍ଦ୍ଦିକ ତାମୋରେ (୮୪)ଙ୍କ ସହ ମିଶି ୧୪୧ ରନ ଯୋଡ଼ିଥିଲେ। ମହାତ୍ରେଙ୍କ ପରେ କ୍ରିଜକୁ ଆସିଥିବା ଆୟର ଆରମ୍ଭରୁ ଆଟାକିଂ ଖେଳିଥିଲେ। ତାଙ୍କୁ ଶିବମ ଦୁବେ ଭରପୂର ସାଥ ଦେଇଥିଲେ। ଉଭୟ ୧୪୮ ରନର ଭାଗିଦାରୀ କରି ମୁମ୍ବାଇକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଦୁବେଙ୍କ ବ୍ୟାଟରୁ ୫ଟି ଛକା ଓ ୫ଟି ଚୌକା ଦେଖିବାକୁ ମିଳିଛି। ସେ ଆୟରଙ୍କ ଭଳି ଶେଷ ଯାଏ ୩୬ ବଲରେ ୬୩ ରନ କରି ଅପରାଜିତ ରହିଥିଲେ। ଭାରତର ଟି-୨୦ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ କେବଳ ୧୬ ବଲରେ ୨୦ ରନ କରିଛନ୍ତି।

# ଅବସର ନେବେ ରୋହିତ ଓ କୋହଲି

ନୂଆଦିଲ୍ଲୀ,୨୧।୧୨ (ଏଜେନ୍ସି) : ରବିଚନ୍ଦ୍ରନ ଅଶ୍ୱିନଙ୍କ ଅପ୍ରତ୍ୟାଶିତ ଅବସର ପରେ ଭାରତୀୟ ଟେଷ୍ଟ୍ ଦଳ ଏକ ପରିବର୍ତ୍ତନ କାଳ ଦେଇ ଗତି କରିବାକୁ ଯାଉଥିବା ସୂଚନା ମିଳିଛି। ଚଳିତ ବର୍ଡର-ଗାଭାସ୍କର ଟ୍ରଫି (ବିଜିଟି) ଶୃଙ୍ଖଳା ଶେଷ ହୋଇଯିବା ପରେ ଭାରତୀୟ କ୍ରିକେଟରେ ଦୁଇ ବ୍ୟାଟିଂ କିଂବଦନ୍ତି ରୋକୋ (ରୋହିତ ଶର୍ମା ଓ ବିରାଟ କୋହଲି) ଅବସର ନେଇଯିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ନ୍ୟୁଜିଲାଣ୍ଡ୍ ନିକଟରୁ ଘରୋଇ ଟେଷ୍ଟ୍ ଶୃଙ୍ଖଳାରେ ମୂଳପୋଛ (୦-୩) ହେବାର ଲଜ୍ଜା ପରେ ଏବେ ବିଜିଟିରେ ଉଭୟ ସଂଘର୍ଷ କରୁଥିବାରୁ ସେମାନଙ୍କ ଟେଷ୍ଟ୍ ଜୀବନ ବି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଯାଇଥିବା ବିଶ୍ୱାସ କରାଯାଉଛି। ଉଭୟ ଚଳିତ ବର୍ଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପରେ ଏହି ଫର୍ମାଟକୁ



ଛାଡ଼ିଦେଇଥିଲେ। ସମାନ କଥା ବିଜିଟି ଶୃଙ୍ଖଳା ପରେ ଘଟିବ ବୋଲି ସେମାନଙ୍କ ପ୍ରଶଂସକ ଆଶା କରିଛନ୍ତି। ଭାରତ ଯଦି ଏଥର ବିଶ୍ୱ ଟେଷ୍ଟ୍ ଚାମ୍ପିୟନସିପ୍ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିବ ନାହିଁ ତେବେ ରୋହିତ ଶର୍ମା, ବିରାଟ କୋହଲିଙ୍କ ସହ ରବୀନ୍ଦ୍ର ଜାଡ଼େଜାଙ୍କ ଭବିଷ୍ୟତ ମଧ୍ୟ ଚୟନକର୍ତ୍ତାଙ୍କ ସ୍କାନରରେ ରହିବ। ଯୁବ ଖେଳାଳିଙ୍କ ପାଇଁ ଅଭିଜ୍ଞ ଖେଳାଳିଙ୍କୁ ବାଟ ଛାଡ଼ିବାକୁ ହେବ ବୋଲି କ୍ରିକେଟ୍ ପଣ୍ଡିତମାନେ ବି କହିବା ଆରମ୍ଭ କଲେଣି।

ବିଜିଟି ପରେ ଭାରତ ଇଂଲଣ୍ଡ ସହ ଘରୋଇ ମାଟିରେ ଟ୍ୱେଣ୍ଟି-୨୦ ଓ ଦିନିକିଆ ଶୃଙ୍ଖଳା ଖେଳିବ। ଫେବ୍ରୁଆରିରେ ଏହା ଆରମ୍ଭ ହେବ। ଚାମ୍ପିଅନ୍ସ ଟ୍ରଫି ପରେ ଭାରତ ପୁଣି ଏକ ୫ ମ୍ୟାଚ୍ ଟେଷ୍ଟ୍ ଶୃଙ୍ଖଳା ଖେଳିବ ଇଂଲଣ୍ଡ୍ ବିପକ୍ଷରେ। ଇଂଲଣ୍ଡରେ ଏହା ଖେଳାଯିବାକୁ ଥିବାରୁ ଅଧିକ ପରିବର୍ତ୍ତନର ସମ୍ଭାବନା ବି ରହିଛି। ଆଉ ଏକ ମିଡିଆ ରିପୋର୍ଟ ବି ଶୁକ୍ରବାର ନଜରକୁ ଆସିଛି। ହାଇବ୍ରିଡ୍ ମଡେଲ୍ରେ ଖେଳାଯିବାକୁ ଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଖେଳିବା ନିଶ୍ଚିତ ହୋଇନାହିଁ। ଚାମ୍ପିଅନ୍ସ ଟ୍ରଫି ଦିନିକିଆ। ଫର୍ମାଟରେ ଖେଳାଯାଉଥିବାବେଳେ ଏଥର ଟ୍ୱେଣ୍ଟି-୨୦ରେ କରାଯିବାକୁ ଆଲୋଚନା ଚାଲିଛି। ଯଦି ପରିବର୍ତ୍ତନ ହୁଏ ତେବେ ବିରାଟ କୋହଲି ଓ ରୋହିତ ଶର୍ମା ଖେଳିପାରିବେ ନାହିଁ। କାହିଁକି ନା ଉଭୟ ଟ୍ୱେଣ୍ଟି-୨୦ରୁ ଅବସର ନେଇ ସାରିଛନ୍ତି।

# ଏସୀୟ ରେକର୍ଡ ସହ ଜ୍ୟୋସ୍ନାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୧।୧୨ (ଏଜେନ୍ସି) : ଓଡ଼ିଶା ଝିଅ ଜ୍ୟୋସ୍ନା ଶବର କତରର ଦୋହାଠାରେ ଚାଲିଥିବା ଏସୀ। ଯୁବ ଭାରୋତ୍ତୋଳନରେ ଏସୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୪୦ କିଲୋଗ୍ରାମ ବାଳିକା ଯୁବ ବର୍ଗରେ ଖେଳିଥିବା ଜ୍ୟୋସ୍ନା ସ୍ନାଚ୍ରେ ୬୦ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୭୫ କିଲୋଗ୍ରାମ ସହ ମୋଟ ଉପରେ ୧୩୫ କିଲୋଗ୍ରାମ ଉତ୍ତୋଳନ କରିଥିଲେ। ମୋଟ ଉପରେ ଜ୍ୟୋସ୍ନା ଏସୀ। କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ଅନ୍ୟତମ ଓଡ଼ିଆ। ଝିଅ ପ୍ରୀତିସ୍ମିତା ଭୋଇ ୪୫ କିଲୋଗ୍ରାମ ଯୁବ ବାଳିକା ବର୍ଗରେ ଖେଳି ପଞ୍ଚମ ସ୍ଥାନରେ ରହିଥିଲେ ମଧ୍ୟ କ୍ଲିନ୍ ଆଣ୍ଡ୍ ଜର୍କ (୮୫ କିଲୋଗ୍ରାମ)ରେ ରୌପ୍ୟ ପଦକ ପାଇଥିଲେ। ସ୍ନାଚରେ ସେ ୬୦ କିଲୋଗ୍ରାମ ଉତ୍ତୋଳନ କରିଥିଲେ।

# ଅଶ୍ୱିନଙ୍କୁ ଖେଳରତ୍ନ ଲାଗି ସାଂସଦଙ୍କ ଦାବି

ନୂଆଦିଲ୍ଲୀ,୨୧।୧୨ (ଏଜେନ୍ସି) : ବୁଧବାର ଟେଷ୍ଟ୍ କ୍ରିକେଟରୁ ଅବସର ନେଇଥିବା ଅଫସ୍ପିନର୍ ରବିଚନ୍ଦ୍ରନ ଅଶ୍ୱିନ୍‌ଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ ଲାଗି କଂଗ୍ରେସ ସାଂସଦ ବିଜ। ବସନ୍ତ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଅନୁରୋଧ କରିଛନ୍ତି। ବ୍ରିସବେନ ଟେଷ୍ଟ୍ ଅମୀମାଂସିତ ଭାବେ ଶେଷ ହେବା ପରେ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଗୋଟିଏ ଦଶନ୍ଧି ଧରି ଭାରତୀୟ ଦଳର ପ୍ରମୁଖ ଅଂଶ ହୋଇଥିବା ଅଶ୍ୱିନ ୧୦୬ ଟେଷ୍ଟ୍ ଖେଳି ୩୭ ଥର ୫ ୱିକେଟ୍ ସଫଳତା ସହ ୫୩୭ ୱିକେଟ୍ ନେଇଛନ୍ତି। ଏଥିସହ ସେ ୩୫୦୩ ରନ୍ କରିଛନ୍ତି। ଭାରତର ସର୍ବାଧିକ ଟେଷ୍ଟ୍ ୱିକେଟ୍ ନେବାରେ



ସେ ଅନିଲ କୁମ୍ବଲେ (୬୧୯)ଙ୍କ ପଛକୁ ଦ୍ୱିତୀୟ ରହିଛନ୍ତି। ସେହିଭଳି ବିଶ୍ୱରେ ସର୍ବାଧିକ ଥର ୫ ୱିକେଟ୍ ସଫଳତା ପାଇବାରେ ତାଙ୍କ ଆଗରେ କେବଳ ଶ୍ରୀଲଙ୍କାର ମୁଥିଆ ମୁରଲୀଧରନ (୬୭) ରହିଛନ୍ତି। ଟେଷ୍ଟ୍ ବାଦ୍ ଅଶ୍ୱିନ ସୀମିତ ଓଭର କ୍ରିକେଟ୍ରେ ୧୮୧ ମ୍ୟାଚ୍ରୁ ୨୨୮ ୱିକେଟ୍ ଅକ୍ତିଆର କରିଛନ୍ତି। ୧୧୬ ଦିନିକିଆରୁ ୧୫୬ ଏବଂ ୬୫ ଟ୍ୱେ-୨୦ରୁ ୭୨ ୱିକେଟ୍ ପାଇଛନ୍ତି ସେ। ମୋଟ ଉପରେ ସେ ୭୬୫ ୱିକେଟ୍ ନେଇ କୁମ୍ବଲେ (୯୫୩)ଙ୍କ ପରେ ଦ୍ୱିତୀୟରେ ଅଛନ୍ତି। ଭାରତର ୨୦୧୧ ବିଶ୍ୱକପ୍ ଓ ୨୦୧୩ ଚାମ୍ପିଅନ୍ସ ଟ୍ରଫି ବିଜୟରେ ତାଙ୍କର ପ୍ରମୁଖ ଯୋଗଦାନ ରହିଥିଲା।

# ପୁଣି ବିବାଦରେ ବିରାଟଙ୍କ ରେଷ୍ଟୁରାଣ୍ଟ

ବେଙ୍ଗାଲୁରୁ,୨୧।୧୨ (ଏଜେନ୍ସି) : ଅଷ୍ଟ୍ରେଲିଆ। ଖବରଦାତାଙ୍କ ସହ କଥା କଟାକଟିକୁ ନେଇ ଚର୍ଚ୍ଚାରେ ଥିବା ଭାରତୀୟ କ୍ରିକେଟର ବିରାଟ କୋହଲି ବିବାଦ



ଘେରକୁ ଆସିଛନ୍ତି। ବେଙ୍ଗାଲୁରୁରେ ଥିବା ତାଙ୍କର ପ୍ରସିଦ୍ଧ ରେଷ୍ଟୁରା 'ୱାନ୍ ୮ କମ୍ୟୁନ୍'କୁ ନଗର ନିଗମ ତରଫରୁ ନିୟମ ଉଲ୍ଲଂଘନ କରିବା ନେଇ ନୋଟିସ କରାଯାଇଛି। ବିବିଏମ୍ପି ପକ୍ଷରୁ କୋହଲିଙ୍କୁ ଏହି ରେଷ୍ଟୁରାଣ୍ଟ-ପବ୍‌ରୁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ନ ଥିବା କାରଣରୁ ନୋଟିସ ହୋଇଥିବା ଜଣାପଡ଼ିଛି। ତେବେ ରେଷ୍ଟୁରାଣ୍ଟଟି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଅଛି। ଏହା ବିରୋଧରେ ସହରର ଜଣେ ସାମାଜିକ କର୍ମୀ ଭେଙ୍କଟେଶ ଅଭିଯୋଗ କରିଥିଲେ। ଅଭିଯୋଗରେ ବିରାଟ ଅଗ୍ନିଶମ ବିଭାଗ ପକ୍ଷରୁ ଏନ୍‌ଓସି ଅଣା ନ ଯାଇ ରେଷ୍ଟୁରା ଚାଲିଥିବା କୁହାଯାଇଥିଲା। ଶେଷରେ ବିବିଏମ୍ପି ପକ୍ଷରୁ ଆସନ୍ତା ୭ ଦିନ ମଧ୍ୟରେ ଜବାବ ମଗାଯାଇଛି। ଏହାକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ପୂର୍ବରୁ ନଭେମ୍ବର ୨୯ରେ ଏହି ରେଷ୍ଟୁରା କୁ ନୋଟିସ କରାଯାଇଥିଲା। ହେଲେ ଜବାବ ମିଳି ନ ଥିଲା

# ବିସିସିଆଇ ସଚିବ ଆସନରେ ବସିବେ ଅନିଲ ପଟେଲ

ନୂଆଦିଲ୍ଲୀ,୨୧।୧୨ (ଏଜେନ୍ସି) : ଡିସେମ୍ବର ୧ରେ ଜୟ ଶାହା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ର ସର୍ବ କନିଷ୍ଠ ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଦାୟିତ୍ୱ ପାଇଁ ସେ ବିସିସିଆଇର ସଚିବ ପଦ ଛାଡ଼ିଥିଲେ। ସେ ଆସନ ଛାଡ଼ିବା ପରେ ପରବର୍ତ୍ତୀ ସଚିବ କିଏ ହେବେ ସେନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ନୂତନ ସଚିବ ପଦ ପାଇଁ ଦେଡ଼ରେ ଅନେକ ନାମ ରହିଛି, କିନ୍ତୁ ଏପର୍ଯ୍ୟନ୍ତ କେଣସି ଅଧିକାରୀକ ବିବୃତି ବିସିସିଆଇ ପକ୍ଷରୁ ଆସିନାହିଁ। ଏମଧ୍ୟରେ ଚର୍ଚ୍ଚା



ହେଉଛି ଯେ, ନୂତନ ସଚିବ ଓ କୋଷାଧ୍ୟକ୍ଷ ଚୟନ କରିବାକୁ ବିସିସିଆଇ ଏହାର ମୁଖ୍ୟାଳୟରେ ଜାନୁଆରି ୧୨, ୨୦୨୫ରେ ଏକ ସ୍ୱତନ୍ତ୍ର ସାଧାରଣ ସଭା (ଏସଜିଏମ) ଆୟୋଜନ କରିବ। କୁହାଯାଉଛି ଯେ, ବର୍ତ୍ତମାନ ବିସିସିଆଇର ନୂତନ ସଚିବ ପଦ ପାଇଁ କାହାକୁ ବଛାଯାଇ ନାହିଁ। ହେଲେ ଗୁଜୁରାଟ କ୍ରିକେଟ୍ ଆସୋସିଏସନ୍ (ଜିସିଏ)ର ସଚିବ ଅନିଲ ପଟେଲ ଏହି ଆସନରେ ବସି ପାରନ୍ତି ।

ଅଗଷ୍ଟ ୨୦୨୪ରେ ଜୟ ଶାହା ନୂତନ ଆଇସିସି ଚେୟାରମ୍ୟାନ୍ ଭାବରେ ନିର୍ବାଚିତ ହେବା ପରେ ଦିଲ୍ଲୀ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ (ଡିଡିସିଏ) ସଭାପତି ରୋହନ ଜେଟଲୀ ଏବଂ ଆଇପିଏଲ୍ ଚେୟାରମ୍ୟାନ୍ ଅରୁଣ ଧୁମଲ ବିସିସିଆଇ ସଚିବ ହେବେ ବୋଲି କୁହାଯାଉଥିଲା। ହେଲେ ଏବେ ଅନିଲ ପଟେଲଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି।

# ଉଦଘାଟନୀରେ ଝଲକ ଦେଖାଇବେ ସାରା, କିଙ୍ଗ୍

ଭୁବନେଶ୍ୱର,୨୧।୧୨ : ବହୁ ପ୍ରତୀକ୍ଷିତ ହିରୋ ହକି ଇଣ୍ଡିଆ। ଲିଗ୍ (ହିଲ୍) 'ହକି କା ଜସ୍ନ' ଦମ୍‌ଦାର ଢଙ୍ଗରେ ଫେରିବାକୁ ଯାଉଛି। ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଏହାର ଉଦଘାଟନୀ ସମାରୋହ ଚଳିତ ମାସ ୨୮ ତାରିଖରେ ପ୍ରଥମ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ହେବ। ହିଲ୍ର ଥିମ୍ 'ହକି କା ଜସ୍ନ'ରେ ଭାରତୀୟ ସେଲିବ୍ରିଟିମାନେ ନିଜର ଚମକ ଦେଖାଇବେ। ବଲିଉଡ୍ ତାରକା ସାରା ଅଲୀ ଖାନ ଏବଂ ନାମୀ କଳାକାର କିଙ୍ଗ ଏହି ସଂଧ୍ୟାରେ ଦର୍ଶକଙ୍କୁ ଝୁମାଇବେ। ଏମାନଙ୍କ ସହ ସିଆମାକ ଡାଭର ଡ୍ୟାନ୍ସ ଟ୍ରୁପ୍ ମଧ୍ୟ ନିଜର ଜଲୱା ଦେଖାଇବ। ପୂର୍ବରୁ ହକି ଇଣ୍ଡିଆ ଉଦଘାଟନୀ ଉତ୍ସବ ସହ ସମସ୍ତ ମ୍ୟାଚ୍ ଲାଗି ମାଗଣା ଟିକେଟ୍ ବ୍ୟବସ୍ଥା କରିଥିବାରୁ ବହୁ ଦର୍ଶକ ଷ୍ଟାଡିୟମ୍ ଆସିବାର ସମ୍ଭାବନା ରହିଛି। 'ହିଲ୍'ର ଅଧ୍ୟକ୍ଷ ଦିଲୀପ ତିର୍କି



ହିରୋ ହକି ଇଣ୍ଡିଆ ଲିଗ୍

କହିଛନ୍ତି ଯେ ''ରାଉରକେଲାରେ ହକି ପ୍ରତି ଗଭୀର ପ୍ରେମ ରହିଛି। ଆମେ ଉଦଘାଟନୀ ଉତ୍ସବକୁ ଚମତ୍କାର ଢଙ୍ଗରେ କରିବାକୁ ଯାଉଥିବାରୁ ବହୁତ ଖୁସି''। ଉଦଘାଟନୀ ଉତ୍ସବ ସହ ମ୍ୟାଚ୍ ଗୁଡ଼ିକର ସିଧାପ୍ରସାରଣ ଡିଡି ସ୍ପୋର୍ଟ୍ସରେ ହେବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ